## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ କର୍ମଚାରୀ ଗୁରୁତର

**ଭଦ୍ରକ ଅଫିସ,୧୨।୨:** ବିଦ୍ୟୁତ୍ ଆଘାତରେ ବିଭାଗର ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। କର୍ମଚାରୀ ଜଣଙ୍କ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ତଳାଙ୍ଗ ଗ୍ରାମର ନିରଞ୍ଜନ ପୁହାଣ। ସେ ବୁଧବାର ସକାଳେ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ବିଦ୍ୟୁତ୍ ଆଘାତ ପାଇ ତଳକୁ ଛିଟିକି ପଡ଼ିଥିଲେ। ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି। ତାଙ୍କୁ କଟକ ଡାକ୍ତରଖାନାକୁ ପଠାଯାଇଛି। ସୂଚନା ମୁତାବକ ନିରଞ୍ଜନ ଦୀର୍ଘବର୍ଷ ହେବ ବିଦ୍ୟୁତ୍ ବିଭାଗରେ ଆଉଟସୋର୍ସ ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ। ସକାଳୁ ଭଦ୍ରକ ସହରର ଗୋପବନ୍ଧୁନଗରରେ ଥିବା ଏକ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ତଳକୁ ଖସି ପଡ଼ିଥିଲେ। ପାଖରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଦ୍ୟୁତ୍ କଟାଯାଇ ନ ଥିଲା କି ପରବର୍ତ୍ତୀ ମୂହୁର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଗଲା, ଫଳରେ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରୁଛି ବିଭାଗ। ତେବେ ନିରଞ୍ଜନଙ୍କ ପରିବାର ଓ ସହକର୍ମୀମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଏସ୍‌ପି ଅଫିସ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା

**ଭଦ୍ରକ ଅଫିସ, ୧୨।୨**

**୩ ମାସ ବିତିଲା, ନାବାଳିକାଙ୍କ ପତ୍ତା ମିଳୁନି**

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୩ ମାସ ତଳେ ଅପହରଣ କରାଯାଇଥିଲା। ସେହି ଅଞ୍ଚଳର ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ନାବାଳିକାଙ୍କ ପତ୍ତା ମିଳୁନି। ପୋଲିସ ଝିଅକୁ ଉଦ୍ଧାର କରୁ ନ ଥିବା ଅଭିଯୋଗ କରି ବୁଧବାର ଅପହୃତା ନାବାଳିକାଙ୍କ ପରିବାର ଲୋକ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇ ବସି ରହିଥିଲେ। ତାଙ୍କ ଝିଅକୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସେମାନେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ପୋଲିସ ଅପହରଣ ମାମଲା ରୁଜୁ କରିଥିଲେ ମଧ୍ୟ ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା କିମ୍ବା କାହାରିକୁ ଗିରଫ କରୁନଥିବା ସେମାନେ ଅଭିଯୋଗ କରିଥିଲେ। ଅପରାହ୍ନରେ ଆଗାମୀ ୭ ଦିନ ମଧ୍ୟରେ ଅପହରଣକାରୀଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ନାବାଳିକାଙ୍କ ପରିବାର ଲୋକ ଧାରଣାରୁ ଉଠିଥିବା ସୂଚନା ମିଳିଛି।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଭଣ୍ଡାରିପୋଖରୀ,୧୨।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ନେରଡ଼ା ପଞ୍ଚାୟତ ଆଖୁଆପଦା ରାଜପଥ ପାର୍ଶ୍ୱ ହିଞ୍ଜଳା ଗ୍ରାମଠାରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାଁ ବାପି ହେମ୍ବ୍ରମ। ସୂଚନା ଅନୁସାରେ, ଆଖୁଆପଦା ଅଞ୍ଚଳରେ ଦୀର୍ଘବର୍ଷ ଧରି ତାଙ୍କ ପରିବାର ରହି କାମ କରି ଚଳନ୍ତି। ମଙ୍ଗଳବାର ରାତିରେ ବାପି ଖାଇସାରି ଶୋଇଥିଲେ। ବୁଧବାର ସକାଳୁ ପରିବାର ଲୋକ ବାପି ଶୋଇ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ବାପି ରାସ୍ତାପାର୍ଶ୍ୱ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସେମାନେ ଦେଖିଥିଲେ। ତାଙ୍କ ବଡ଼ଭାଇ ବାପିନ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୦) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବା ପୋଲିସ ସୂଚନା ଦେଇଛି।


**OFFICE OF THE**
**COLLECTOR&DISTRICT MAGISTRATE, NUAPADA**
**(ST & SC DEVELOPMENT SECTION)**

No.: 449/2020 Dated: 11.02.2020

**ADVERTISEMENT**

Applications are invited in prescribed proforma from intending candidates for filling up the following categories of posts in different Ashram Schools/Seva Shramas/High Schools under ST & SC Development Department of Nuapada District on Contractual Basis. In selecting the candidates for the posts mentioned in the following table, first preference shall be given to the eligible candidates from Nuapada District. In case of non availability of suitable candidates from Nuapada District applications of the candidates from other districts will be considered. The detail advertisement, eligibility criteria, educational qualification, service condition, process of selection and prescribed application form can be downloaded from the district website **www.nuapada.nic.in**.

The last date for receipt of applications complete in all respect is 29.02.2020.

| Sl. No. | Name of the Post | Number of Posts to be filled up | | | | |
|---|---|---|---|---|---|---|
| | | SC | ST | SEBC | UR | Total |
| 1 | 2 | 3 | 4 | 5 | 6 | 7 |
| 1 | TGT Science (CBZ) | 01 | 01 | 00 | 02 | 04 |
| 2 | TGT Science (PCM) | 00 | 01 | 00 | 00 | 01 |
| 3 | TGT (Arts) | 00 | 01 | 00 | 02 | 03 |
| 4 | PET | 01 | 00 | 00 | 00 | 01 |
| 5 | Hindi Teacher | 00 | 01 | 01 | 00 | 02 |
| 6 | Sanskrit | 00 | 00 | 01 | 00 | 01 |
| | Total | 02 | 04 | 02 | 04 | 12 |

**Sd./- Collector, Nuapada**


# ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ମତ୍ସ୍ୟଚାଷ ପ୍ରଶିକ୍ଷଣ

**ବାସୁଦେବପୁର,୧୨।୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍‌ଠାରେ ୧୪ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ମତ୍ସ୍ୟ ବିଭାଗ ସହଯୋଗରେ ବ୍ଲକସ୍ତରୀୟ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଗୋଷ୍ଠୀର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମତ୍ସ୍ୟଚାଷ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ବିଶେଷକରି ବିଭିନ୍ନ ପଞ୍ଚାୟତ ଓ ସରକାରୀ ପୋଖରୀକୁ ନିଲାମ ଆକାରରେ ଗୋଷ୍ଠୀର ମହିଳାମାନେ ନେଇ ମାଛ ଚାଷ କରି ସ୍ୱାବଲମ୍ବୀ ହେବା ସହିତ ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ପ୍ରଶିକ୍ଷକ ଓ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ ଦଳେଇ ଯୋଗଦେଇ ମାଛ ଚାଷ ଲାଭଦାୟକ ଚାଷ ବୋଲି ମତ ରଖି ମହିଳା ଗୋଷ୍ଠୀ ଏହାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ବିଡିଓ ପ୍ରଣବ କୁମାର ବେହେରା, ଏଏଫ୍‌ଓ ରତ୍ନମଞ୍ଜରୀ ସେନାପତି ଓ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଳିକ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ବ୍ଲକ ମତ୍ସ୍ୟ ଅଧିକାରୀ ଗଦାଧର ରାଉତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ମତ୍ସ୍ୟ ବିଭାଗ ପକ୍ଷରୁ ମହିଳା ଚାଷୀମାନଙ୍କୁ ବିଭିନ୍ନ ସଫଳ ମତ୍ସ୍ୟ ଚାଷୀଙ୍କ ପୋଖରୀ ବୁଲି ଦେଖାଯାଇଥିଲା।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

### ରାଜ୍ୟସ୍ତରୀୟ ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ

# ସେମିରେ ଇଲେଭେନଷ୍ଟାର


ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଭଣ୍ଡାରିପୋଖରୀ,୧୨।୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ଼ସ୍ଥିତ ଡାକ୍ତରଖାନା ପଡ଼ିଆଠାରେ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୨୬ତମ ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ କ୍ୱାର୍ଟର ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ବାଲାବାବା ଟିମ୍‌କୁ ହରାଇ ଯାଜପୁର ଟାଉନର ଏମ୍‌ସିସି ସେମିଫାଇନାଲକୁ ପ୍ରବେଶ କରିଛି। ବୁଧବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେଡଷ୍ଟାର ଭୁବନେଶ୍ୱର ଓ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ହୋଇଥିଲା। ଇଲେଭେନ ଷ୍ଟାର ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି।

ରେଡଷ୍ଟାର ଟସ୍ ଜିତି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ରନ୍ କରିଥିଲା। ଦଳ ପକ୍ଷରୁ ପଙ୍କଜ ସାହୁ ୨ଟି ଛକା, ୪ଟି ଚଉକାରେ ୪୩ରନ୍ ଓ ସତ୍ୟ ଦାସ ଗୋଟିଏ ଛକାରେ ୧୬ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଅମରିଶ ପଟ୍ଟନାୟକ ୫ ଓଭର ୨୯ ରନ୍ ଦେଇ ୪ ଉଇକେଟ୍ ଓ ଅର୍ଜୁନ ଜେନା ୫ ଓଭର ୨୪ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ଜବାବରେ ଇଲେଭେନଷ୍ଟାର ୨୪ ଓଭରରେ ୬ ଉଇକେଟ ହରାଇ ୧୪୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିଳାଷ ରାଉତରାୟ ଗୋଟିଏ ଚଉକାରେ ୨୬ ରନ୍ ଓ ଅରୁଣ ଜେନା ୩ଟି ଛକାରେ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୂର୍ଯ୍ୟକାନ୍ତ ଜଜାତି ୫ ଓଭରରେ ୨ ଉଇକେଟ୍ ଓ ଅନିଲ ମହାପାତ୍ର ୫ ଓଭର ୨ ଉଇକେଟ୍ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଇଲେଭେନଷ୍ଟାରର ଅରୁଣ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଚିନ୍ମୟ କୁମାର ସେନାପତି ଓ ସତ୍ୟବ୍ରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଅଜୟ ବାରିକ, ଶୁଭ୍ରଜିତ୍ ବାରିକ, ବିଶ୍ୱରଞ୍ଜନ ଜେନା ଥିବାବେଳେ ପ୍ରତ୍ୟୁଷ ସାହୁ, ସଞ୍ଜୟ ଶତପଥୀ ଓ କାଳନ୍ଦୀ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଏମ୍‌ସିସି ଯାଜପୁର ଓ ଇଲେଭେନଷ୍ଟାର ଯାଜପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ବନ୍ଧଟିଆରେ ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ

**ଧାମନଗର,୧୨।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର ଲୋକକଳା ଗ୍ରାମ ବନ୍ଧଟିଆ(ଝାଟିଆ ସାହି ଛକ) ନିକଟରେ ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଛି। ଧୁମ୍‌ଧାମ୍‌ରେ ପୂଜା ପାଳନ ହେଉଥିବାବେଳେ ୫ ଦିନ ବ୍ୟାପୀ ଉକ୍ତ ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜନ କରାଯାଉଛି। ମଙ୍ଗଳବାର ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା କଳାହାଣ୍ଡି ଜିଲାର ବଜାସାଲ, ସମ୍ବଲପୁରୀ ଗୀତ, ସମ୍ବଲପୁରୀ ନୃତ୍ୟ ଓ ଅନୁଗୁଳର କଣ୍ଢେଇ ନାଚ ଦର୍ଶକଙ୍କ ମନ ମୋହିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଲୋକକଳା ସଂଘର ଉପସଭାପତି ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ କଳାକାର ସୁବାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କବି ତଥା ଗୀତିକାର ବ୍ରଜକିଶୋର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବେ ପୂଜା କମିଟି ସଭାପତି ରମେଶ ଜେନା, ପୂର୍ବତନ ସଭାପତି ଆନନ୍ଦ ସେଠୀ, ସମିତିସଭ୍ୟ ରଞ୍ଜିତ ଜେନା, କବି ବିପିନ ବିହାରୀ ପଣ୍ଡା, ବ୍ରଜବାସ ସାମଲ, ମନୋଜ ଭୂୟାଁ, ନରେନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୂଜା କମିଟିର ଉପସଭାପତି ସୂର୍ଯ୍ୟକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀରାମ ବେହେରା, କେଶବ ରାଉତ, ରଜତ ଜେନା, ରାଜେନ୍ଦ୍ର ଦାସ, ସୁବ୍ରତ ସାମଲ, ସରୋଜ ବେହେରା, ରଞ୍ଜନ ବେହେରା, ନିରାକାର ଦାସ ପ୍ରମୁଖ ପରିଚାଳନା କରିଥିଲେ।




## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ

**ରୂପ୍‌ସା,୧୨।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଓଡ଼ଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ସିଲଡ଼ ଗ୍ରାମର ଜଣେ ଚାଷୀ ବୁଧବାର ବିଦ୍ୟୁତ ସଂସ୍ପର୍ଶରେ ପ୍ରାଣ ହରାଇଛନ୍ତି। ମୃତ ଚାଷୀ ହେଲେ ଅନନ୍ତ କୁମାର ତପସ୍ୱୀ। ସେ ମୋଟର ଯୋଗେ ଚାଷଜମିରେ ପାଣି ମଡ଼ାଉ ଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ନାବାଳିକା ଅପହରଣ ଘଟଣା: ସହଯୋଗୀ ଗିରଫ

**ରୂପ୍‌ସା,୧୨।୨(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ଗୋପୀନାଥପୁର ଅନଳିଆ ଗ୍ରାମର ଜଣେ ଅଭିଯୁକ୍ତ ଅଞ୍ଜନ ପଚ୍ଛାୟତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯିବା ଘଟଣାରେ ଅଭିଯୁକ୍ତ ସହଯୋଗ କରିଥିବା ଅପହୃତା ନାବାଳିକା ପୋଲିସ ସମ୍ମୁଖରେ ବୟାନ ଦେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପହରଣ ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୩୭୮/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଡ. ରବୀନ୍ଦ୍ର ମୋହନଙ୍କ ଜୟନ୍ତୀ ପାଳିତ

**ବାଲେଶ୍ୱର ଅଫିସ,୧୨।୨:** ବାଲେଶ୍ୱର ସହର ସ୍ଥିତ ଟାଉନହଲ ପରିସରରେ ଡ. ରବୀନ୍ଦ୍ର ମହୋନ ଦାସ ଫାଉଣ୍ଡେସନ ପକ୍ଷରୁ ଡ. ରବୀନ୍ଦ୍ର ମହୋନ ଦାସଙ୍କର ୧୦୯ତମ ଜୟନ୍ତୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅରୁଣ ଦେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଅବସରପ୍ରାପ୍ତ ସଚିବ ଅରୁଣ ରଥ, ବରିଷ୍ଠ ଖବରଦାତା ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ଯୋଗଦେଇ ରବୀନ୍ଦ୍ର ମୋହନ ଦାସଙ୍କର ନିଷ୍ଠା ଓ ସମାଜସେବା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଯଶୋଧାରା ଦାସ ପୌରୋହିତ୍ୟ କରିଥିବାବେଳେ କବି ଶ୍ରୀଦେବ ମଞ୍ଚ ପରିଚାଳନା କରିଥିଲେ।

# ପ୍ରତିଭା ଉଜ୍ଜୀବିତ କରେ ମହୋତ୍ସବ



ମଞ୍ଚରେ କଳାକାରଙ୍କ ନୃତ୍ୟ ପରିବେଷଣ।

**ରୂପ୍‌ସା,୧୨।୨(ଡି.ଏନ୍.ଏ.)**

ମହୋତ୍ସବ ଇତିହାସକୁ ରୋମନ୍ଥନ କରେ। ସ୍ମୃତିର ପୁନରୁଦ୍ଧାର କରେ। ଉତ୍ସବ ମାଧ୍ୟମରେ ପ୍ରତିଭା ଉଜ୍ଜୀବିତ ହୁଏ ବୋଲି ରୂପ୍‌ସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାହିତ୍ୟିକ ସୃଷ୍ଟିଧର ପରିଡ଼ା ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ କବି ଅଞ୍ଜଳି ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୮ମ ବାର୍ଷିକ ରୂପ୍‌ସା ମହୋତ୍ସବର ୨ୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ସମ୍ମାନୀତ ଅତିଥି ଭାବେ ‘ସମୟର ଚକ୍ର’ର ସମ୍ପାଦକ ସର୍ବେଶ୍ୱର ଜେନା ଯୋଗଦେଇ ମହୋତ୍ସବ ସମ୍ପର୍କର ଦିଗ୍‌ବଳୟ ବୋଲି ବକ୍ତବ୍ୟରେ କହିଥିଲେ। ରୂପ୍‌ସା ହରିହର କଳା ବିକାଶ କେନ୍ଦ୍ରର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ

**ରୂପ୍‌ସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଅତିଥି ପରିଚୟ ଓ ଉପଦେଷ୍ଟା ବିନୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ‘ସରଗମ ମେଲୋଡ଼ି’ର ସୁପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ ହୋଇଥିଲା। ଓଡ଼ିଆ ଧାରାବାହିକ ଅଭିନେତ୍ରୀ ରାଗିଣୀଙ୍କ ଅଭିନୟରେ ଦର୍ଶକମାନେ ବିମୋହିତ ହୋଇଥିଲେ।

# ବରିପଦାରେ ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନେତା ଓ କର୍ମୀ।

**ବାହାନଗା, ୧୨।୨ (ଡି.ଏନ.ଏ.):** ମଙ୍ଗଳବାର ଅପରାହ୍ଣରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତର ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ଓ ୩ ଜଣ ୱାର୍ଡ ସଭ୍ୟ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ବୈଠକରେ ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଦାଶ ଏହାର ପୌରୋହିତ୍ୟ କରିଥିଲେ। ଏଥିରେ ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କିପରି ଆଗାମୀ ଦିନରେ ଏହି ପଞ୍ଚାୟତର ଦଳକୁ ସୁଦୃଢ଼ କରାଯାଇ ପାରିବ ସେ ବାବଦରେ ଆଲୋକପାତ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଲାଗି କର୍ମୀ ଓ ନେତାମାନଙ୍କୁ ପରାମର୍ଶ ଦେଇଥିଲେ। ବରିପଦା ପଞ୍ଚାୟତର କରଞ୍ଜାବିନ୍ଧା ଗ୍ରାମର ରାମଚନ୍ଦ୍ର ମଲ୍ଲିକ, ଜଗନ୍ନାଥପୁର ଗ୍ରାମର କଂଗ୍ରେସ ନେତା ପ୍ରତାପ ମହାନ୍ତି ସମେତ ଅନ୍ୟ କଂଗ୍ରେସ କର୍ମୀ ଓ ସେହି ଦଳର ପଞ୍ଚାୟତର ୱାର୍ଡ ସଭ୍ୟା ମିନତି ମାଝୀ, ଖେରଙ୍ଗ ୱାର୍ଡର ୱାର୍ଡ ସଭ୍ୟ ସାଧୁଚରଣ ମାଝୀ, ଅଟାସପୁର ୱାର୍ଡ ସଭ୍ୟ ମନ୍ମଥ ଦାସ ପ୍ରମୁଖ କଂଗ୍ରେସ ଦଳ ତ୍ୟାଗକରି ବିଜେଡିରେ ସାମିଲ ହୋଇଥିଲେ । ସେମାନଙ୍କୁ ବିଧାୟକ ପର୍ଶୁରାମ ଧଡ଼ା ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

# କୁଷ୍ଠ ନିରାକରଣ ସଚେତନତା ରଥର ଶୁଭାରମ୍ଭ




ସଚେତନତା ରଥକୁ ପତାକା ଦେଖାଇ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୨।୨:** ବାଲେଶ୍ୱର ସହର ସ୍ଥାନୀୟ ଡିଆରଡିଏ କାର୍ଯ୍ୟାଳୟ ପରିସରରେ କୁଷ୍ଠ ରୋଗ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରିଥିବା ଏକ ସଚେତନତା ରଥକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବୁଧବାର ପୂର୍ବାହ୍ଣରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତକରି କୁଷ୍ଠ ରୋଗର ଲକ୍ଷଣ ଏବଂ ଉପଚାର ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବ।

ଜାତୀୟ କୁଷ୍ଠ ନିରାକରଣ ସଚେତନତା ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଥିବାବେଳେ ସ୍ୱାସ୍ଥ୍ୟ କ୍ୟାମ୍ପ ମାଧ୍ୟମରେ କୁଷ୍ଠ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବିତରଣ କରାଯିବ ବୋଲି ସୂଚନା ଦିଆଯାଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ବ୍ଲକସ୍ତରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି କୁଷ୍ଠ ରୋଗୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯିବା ଲାଗି ମଧ୍ୟ ଯୋଜନା କରାଯାଇଛି। କୁଷ୍ଠ ରୋଗୀଙ୍କ ପ୍ରତି ପାତରଅନ୍ତର ନ କରିବା ଏବଂ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ଏଭଳି ସଚେତନତା ଅଭିଯାନ ଆୟୋଜିତ ହେଉଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ୧୯ କେନ୍ଦ୍ରରେ ୩୭୩୮ ମାଟ୍ରିକ ପରୀକ୍ଷାର୍ଥୀ

**ଭୋଗରାଇ,୧୨।୨(ଡି.ଏନ.ଏ.):** ମାଟ୍ରିକ ପରୀକ୍ଷାକୁ ସାତଦିନ ବାକି ଅଛି। ଏହି ସମୟ ମଧ୍ୟରେ ପରୀକ୍ଷାର୍ଥୀ ନିଜକୁ ଶେଷ ମୁହୂର୍ତ୍ତରେ ପ୍ରସ୍ତୁତ ହେଉଛନ୍ତି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ଭୋଗରାଇ ବ୍ଲକର ୧୯ଟି ପରୀକ୍ଷାକେନ୍ଦ୍ର ହୋଇଛି। ୫୩ଟି ହାଇସ୍କୁଲର ଏବର୍ଷ ୩୭୩୮ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ବସୁଛନ୍ତି। ପରୀକ୍ଷାକୁ ସ୍ୱଚ୍ଛ, ଶୃଙ୍ଖଳିତ କରିବାକୁ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା କେନ୍ଦ୍ରରେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଦାୟିତ୍ୱରେ ଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କପିକୁ ରୋକିବା ଦିଗରେ ଜିଲାସ୍ତରୀୟ ୪ଟି ସ୍କ୍ୱାଡ କରାଯାଇଥିବାବେଳେ ପୋଲିସକୁ ମଧ୍ୟ କଡ଼ା ପଦକ୍ଷେପ ନେବାକୁ କୁହାଯାଇଛି। ଭୋଗରାଇ ହେରମ୍ବଚନ୍ଦ୍ର ଏକାଡେମୀ, ଜୟରାମପୁର ହାଇସ୍କୁଲ, ଫୁଲବଣୀ ହାଇସ୍କୁଲ, ଶଙ୍ଖାରୀ ହାଇସ୍କୁଲ, ପିପିଭିଏମ୍ କାଳାହି, ଜଗନ୍ନାଥ ହାଇସ୍କୁଲ କମର୍ଦ୍ଦା, ନରେନ୍ଦ୍ର ନାଥ ହାଇସ୍କୁଲ ହରିଦାସପୁର ଓ ସର୍ବେଶ୍ୱର ହାଇସ୍କୁଲ ବାହାର୍ଦ୍ଦା ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଖଞ୍ଜାଯାଇ ଥିବାବେଳେ ୧୧ଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଖଞ୍ଜା ଯାଇ ନ ଥିବାରୁ ପରୀକ୍ଷାର ସ୍ୱଚ୍ଛତା ଉପରେ ମେଧା ଛାତ୍ରୀଛାତ୍ର ଓ ଶିକ୍ଷାପ୍ରେମୀମାନେ ପ୍ରଶ୍ନ ଉଠାଇଛନ୍ତି।

# ଜୁଣିଆଁ ଶିଶୁ ପ୍ରତିଭା ବିକାଶ ମହୋତ୍ସବ ଉଦ୍‌ଘାଟିତ




ମହୋତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ବାହାନଗା,୧୨।୨(ଡି.ଏନ.ଏ.)**

ବାହାନଗା ବ୍ଲକର ଜୁଣିଆଁ ଶିଶୁ ପ୍ରତିଭା ବିକାଶ ମହୋତ୍ସବ-୨୦୨୦ ମଙ୍ଗଳବାର ଉଦଘାଟିତ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ସକାଳ୧୦ଟାରେ ପତାକା ଉତ୍ତୋଳନ କରି ଉଦ୍‌ଘାଟକ ତଥା ମୁଖ୍ୟଅତିଥି ପଣ୍ଡିତ କରୁଣାକର ରଥ ଯୋଗ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତାଭାବେ ଗୋପାଳପୁର ମହାବିଦ୍ୟାଳୟର ପ୍ରାଧ୍ୟାପକ ଅଭୟ କୁମାର ମହାନ୍ତି ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଯଦୁନାଥ ପରିଡା ସଭାରେ ସଭାପତିତ୍ୱ କରିଥିଲେ। ଏହି ବିକାଶ ମହୋତ୍ସବରେ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଶେଷରେ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ସାଧାରଣ ସଭାରେ ସମ୍ମାନିତ କରାଯିବା ସହିତ ମାନପତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଶ୍ୱିନୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କୈଳାସ ମିଶ୍ର ,ଶୀବାନୀ ଗଣନାଟ୍ୟର ନାୟକ ଉତ୍ତମ ସାହୁ, ସୁକାନ୍ତ ବିନ୍ଧାଣି ପ୍ରମୁଖ ଯୋଗ ଦେଇ ନିଜନିଜର ବକ୍ତବ୍ୟମାନ ପ୍ରଦାନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା।

# ଦୃଢ଼ ବିଶ୍ୱାସ ସଫଳତାର ମୂଳମନ୍ତ୍ର

**ଖଇରା,୧୨।୨(ଡି.ଏନ.ଏ)**

ଖଇରା ବ୍ଲକ ଗରସଙ୍ଗସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି କାହ୍ନୁଚରଣ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି, ଉତ୍କଳଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ପାଠୀ ମୁଖ୍ୟବକ୍ତା ଏବଂ ସଙ୍କୁଳ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ସସ୍ମିତା ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ଦାସ, ଶିକ୍ଷାବିତ୍ ଅଭିଜିତ ପାଣିଗ୍ରାହୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୃଙ୍ଖଳା ଓ ଦୃଢ଼ ବିଶ୍ୱାସ ସଫଳତାର ମୂଳମନ୍ତ୍ର ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେମାନେ ଜମିଦାତା ସ୍ୱର୍ଗତ ବିଶ୍ୱମ୍ଭର ପାଣିଗ୍ରହୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ହରେନ୍ଦ୍ର ଖିଲାର ବାର୍ଷିକ ବିବରଣୀ ପାଠ ଓ ସମ୍ପାଦକ ମଦନ ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଲର ବାର୍ଷିକ ଉତ୍ସବ

**ଖଇରା,୧୨।୨(ଡି.ଏନ.ଏ):** ଖଇରା ବ୍ଲକ ନଟାପଡ଼ା ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ସାମଲଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, କମିଟି ସଭାପତି ପବିତ୍ର ମୋହନ ବେହେରା, ଜିଲାପରିଷଦ ସଭ୍ୟା ଲୋପାମୁଦ୍ରା ଧର ଓ ଜୟନ୍ତୀ ମହଲା, ଯଜ୍ଞବରାହ ମହାନ୍ତି, ସରପଞ୍ଚ ସୁଦର୍ଶନ ସେଠୀ ଓ ମହିଳା ଗୋଷ୍ଠୀ ସଭାପତି ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ମନ୍ତ୍ରୀ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ରର ଗୃହକୁ ଉଦ୍‌ଘାଟନ କରିଥିଲେ।

# ଜିଜ୍ଞାସାଙ୍କ ମୋବାଇଲ ଟାୱାର ପ୍ରକଳ୍ପ ଶ୍ରେଷ୍ଠ

**ଖଇରା,୧୨।୨(ଡି.ଏନ.ଏ)**

ବର୍ତ୍ତମାନ ମୋବାଇଲ ଟାୱାର ବିଭିନ୍ନ ସ୍ଥାନରେ ବସୁଥିବା ବେଳେ ଏହାର କୁପ୍ରଭାବ ପରିବେଶ ଉପରେ ପଡୁଛି। ମଣିଷର ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼ିବା ଦ୍ୱାରା ବିକ୍ରତ ବିକଳାଙ୍ଗ ହେବା ସହ ମହିଳାମାନଙ୍କ ମଧ୍ୟରେ ବନ୍ଧ୍ୟାଦୋଷ ଦେଖିବାକୁ ମିଳୁଛି। ମୋବାଇଲ ଟାୱାର ବିକିରଣ ଓ ଏହାର ପ୍ରଭାବ ବିଷୟବସ୍ତୁକୁ ନେଇ ଏକ ପ୍ରକଳ୍ପ ପ୍ରସ୍ତୁତି କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଖଇରାସ୍ଥିତ ଆଦର୍ଶ ଶିକ୍ଷାମନ୍ଦିର ସ୍କୁଲର ୩ୟ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ପ୍ରିୟଦର୍ଶିନୀ ହୋତା। ବୁଧବାର ବିଦ୍ୟାଳୟ ପରିସରରେ



ଜିଜ୍ଞାସାଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

ଅନୁଷ୍ଠିତ ବିଜ୍ଞାନ ମେଳାରେ ଜୁନିୟର ବିଭାଗରେ ଜିଜ୍ଞାସା ଏହି ପାରଦର୍ଶିତା ଲାଭ କରିଥିବାବେଳେ ଅନନ୍ୟା ଶତପଥୀ ୨ୟ ଓ ପ୍ରତ୍ୟୁଷ ମହାରଥା ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଲିଟିଲ ଜୁନିୟରରେ ଜ୍ଞାନଜ୍ୟୋତି ସେଠୀ, ଭାଗ୍ୟଶ୍ରୀ ପୃଷ୍ଟି, ତନିସା ମହାନ୍ତି ଏବଂ ସିନିୟରରେ ପ୍ରାଚୀପ୍ରତିଷା ପୁହାଣ, ହିମାନି ହିମେଶ୍ୱରୀ ସ୍ୱାଇଁ ଓ ଦିନେଶ କୁମାର ବେହେରା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବିଜ୍ଞାନ ମେଳାକୁ ସ୍ଥାନୀୟ ସରପଞ୍ଚ ସୁଦର୍ଶନ ସେଠୀ ଉଦ୍‌ଘାଟନ କରିଥିଲେ।

# ଜିଲାସ୍ତରୀୟ ସ୍ୱତନ୍ତ୍ର ଟିକାକରଣ ଅଭିଯାନ

**ସଜନାଗଡ଼,୧୨।୨(ଡି.ଏନ.ଏ.)-** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ଚଣ୍ଡୀ ଉପ୍ରା ମଇ ବିଦ୍ୟାଳୟରେ ଜିଲାସ୍ତରୀୟ ସ୍ୱତନ୍ତ୍ର ଟିକାକରଣ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ ଏହାକୁ ଉଦ୍‌ଘାଟନ କରି ଟିକାକରଣରୁ ବାଦ୍ ପଡ଼ିଥିବା ଶିଶୁ ଓ ଗର୍ଭବତୀ ମହିଳାମାନେ ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ସେମାନଙ୍କୁ ଟିକାକରଣ କରାଯିବ ବୋଲି କହିଥିଲେ। ଜିଲାର ୫ଟି ବ୍ଲକ ଯଥା ନୀଳଗିରି, ଭୋଗରାଇ, ବାହାନଗା, ଜଳେଶ୍ୱର ଓ ଖଇରା ବ୍ଲକରେ ଏହି ଅଭିଯାନ ଆସନ୍ତା ମେ’ ମାସ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ୬୨୮ ଜଣ ଶିଶୁ ଓ ୧୦ଜଣ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଡା. ଚୌଧୁରୀ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ନରେଶ ଚନ୍ଦ୍ର ଦାଶ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରମଣୀକାନ୍ତ ଭଞ୍ଜ, ଆୟୁଷ ମେଡିକାଲ ଅଫିସର ଡା. ସଞ୍ଜୟ କୁମାର ବାରିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦେବବ୍ରତ ମହୁରୀ, ପ୍ରଧାନଶିକ୍ଷକ ବିଦ୍ୟାଧର ସେଠୀ, ଆଶାକର୍ମୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଦ୍ୱାରା ଜିଲାସ୍ତରୀୟ ସ୍ୱତନ୍ତ୍ର ଟିକାକରଣ ଅଭିଯାନର ଶୁଭାରମ୍ଭ କରାଯାଉଛି।

# ୫ଶହ ଲିଟର ଦେଶୀମଦ ଜବତ, ୨ ଗିରଫ

**ବାଲେଶ୍ୱର ଅଫିସ,୧୨।୨**

ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ବୁଧବାର ୫ ଶହ ଲିଟର ଦେଶୀମଦ ଜବତ କରିବା ସହ ୨ ମଦ ବେପାରୀଙ୍କୁ ଗିରଫ କରିଛି। ସଦର ଥାନା ଅଧୀନ ସୁନହଟ ମଧୁଆମିଲ୍ ଛକଠାରେ ଗୋଟିଏ ମାରୁତି ୮୦୦ (ନଂ. ଓଆର୦୧ଜେ-୨୮୨୯)ରେ ଚୋରା ଦେଶୀ ମଦ ଯାଉଥିବା ଖବରପାଇ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ ବେଳେ ଅଭିଯୁକ୍ତ ଦ୍ୱୟ ଧରାପଡ଼ିଥିଲେ।

ପୁରୁଣାବାଲେଶ୍ୱର ଅଞ୍ଚଳରୁ ଜଣେ ମଦ ବ୍ୟବସାୟୀଙ୍କ ନିର୍ଦ୍ଦେଶରେ ମାରୁତି କାର୍ ଯୋଗେ ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବିରିଡ଼ିହି ଗ୍ରାମର ରବୀନ୍ଦ୍ର ପ୍ରଧାନ ଓ ସଦର ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଅଞ୍ଚଳର ଲକ୍ଷ୍ମୀଧର ସେଠୀ ୫ଶହ ଲିଟର ମଦ ନେଇ ଜାମୁଝାଡ଼ିକୁ ଦେବା ପାଇଁ ଯାଉଥିଲେ। ଖବରପାଇ ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ଉପ-ଅଧୀକ୍ଷକ ଏସ୍. କେ. ଆସଫ୍ ଅଲ୍ଲୀଙ୍କ ନେତୃତ୍ୱରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ଚଢ଼ାଉ




ଜବତ ଗାଡ଼ି, ମଦ ସହ ଗିରଫ ୨ ଅଭିଯୁକ୍ତ।

କରିଥିଲା। ଉଭୟଙ୍କୁ ଗିରଫ କରିବା ସହ ଗାଡ଼ି ଓ ମଦକୁ ଜବତ କରାଯାଇଛି। ଏନେଇ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ମାମଲା (ନଂ. ୧୬୨/୧୯-୨୦) ରୁଜୁ କରାଯିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଉଦେଲାଲ ନାୟକ ପ୍ରକାଶ କରିଛନ୍ତି। ଚଢ଼ାଉରେ ସହ ଉପ-ନୀରିକ୍ଷକ ଚନ୍ଦ୍ର ମୋହନ ସେଠୀ, କନେଷ୍ଟବଳ ପ୍ରହ୍ଲାଦ ବିଶ୍ୱାଳ, ସେକ୍ କଲିମ୍‌ଉଦ୍ଦିନ, ଅଞ୍ଜନ କୁମାର ଜେନା ପ୍ରମୁଖ ସାମିଲ୍ ଥିଲେ।

ସୂଚନାଯୋଗ୍ୟ ଯେ, ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ୨୦୧୯ ଜାନୁୟାରୀ ୧ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମୋଟ୍ ୨୦୧ଟି ମାମଲା ରୁଜୁ ହୋଇଥିବାବେଳେ ୧୯୭ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ୭ହଜାର୩ଶହ ଟଙ୍କା ନଗଦ ଜବତ ହୋଇଥିବାବେଳେ ୧୬ଟି ୪ ଚକିଆ, ଗୋଟିଏ ୬ଚକିଆ ଟ୍ରକ୍, ୧୭ଟି ଦୁଇଚକିଆ, ଗୋଟିଏ ଅଟୋ ଜବତ କରାଯାଇଛି। ସେହିପରି ୨୪୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୯ ଲିଟର କଫ୍ ସିରପ୍, ୧୫କିଲୋ ୭୫୦ ଗ୍ରାମ୍ ଗଞ୍ଜେଇ, ୩୦୮ କିଲୋଗ୍ରାମ୍ ଭାଙ୍ଗ, ୩୦୭୫.୫ ଲିଟର ଜିଞ୍ଜର, ୧୫୩୩୮ ଲିଟର ହାତରନ୍ଧା ଚୋରା ଦେଶୀ ମଦ,

**୨୦୧୯ରେ ୨୦୧ ମାମଲା, ୧୯୭ ଗିରଫ**

୨୫୪୫୦ କେଜି ପୋଚ, ୧୯୮.୪୭ ଲିଟର ଚୋରା ବିଦେଶୀ ମଦ, ୩୦୪.୭ ଲିଟର ବିୟର, ୩୦.୪ ଲିଟର ଆସ୍କା ଫର୍ଟି, ୧୨୦ ଲିଟର ସ୍ପିରିଟ୍, ୨ଶହ ଲିଟର ନକଲି ବିଦେଶୀ ମଦ, ୬୦.୭୫ ଲିଟର ବେଆଇନ୍ ପଶ୍ଚିମବଙ୍ଗ ବିଦେଶୀ ମଦ, ୨୬୮ଲିଟର ବେଆଇନ୍ ପଶ୍ଚିମବଙ୍ଗ ବିୟର୍ ଜବତ କରାଯାଇଛି। ଯାହା ୨୦୧୮ବର୍ଷର ଜବତ ଓ ମାମଲା ଠାରୁ ଯଥେଷ୍ଟ ଅଧିକ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ୧୬ରେ ରାଜ୍ୟସ୍ତରୀୟ ମହୋତ୍ସବ

ବାରିପଦା ଅଫିସ, ୧୨।୨- ନିଖିଳ ଓଡ଼ିଶା ଆଦିବାସୀ, ବିନ୍ଧାଣୀ, ଲୋହାରସ୍ ସମ୍ପ୍ରଦାୟର ରାଜ୍ୟସ୍ତରୀୟ ମହୋତ୍ସବ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଜିଲା ମୁଖ୍ୟ ଉପଦେଷ୍ଟା ହରିଶ୍ ଚନ୍ଦ୍ର ବିନ୍ଧାଣୀଙ୍କ ଅଧକ୍ଷତାରେ ନିଟୁଆପଦା କଲ୍ୟାଣମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ କର୍ମକର୍ତ୍ତା ତଥା ବିଭିନ୍ନ ବ୍ଲକର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏହାକୁ କିପରି ସଫଳ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଏହି ମହୋତ୍ସବରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜାତୀୟ ମାନବାଧିକାର କମିଶନର ଅତିରିକ୍ତ ନିର୍ଦ୍ଦେଶକ ଭି . ଅଶୋକ ବର୍ଦ୍ଧନ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା,୧୨।୨(ଡ଼ି.ଏନ୍.ଏ.)- ଠାକୁରମୁଣ୍ଡା ବ୍ଲକ ଅଧୀନ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡ଼ିଓ ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଞ୍ଚପିଢ ଉପଜିଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟବକ୍ତା ଠାକୁରମୁଣ୍ଡା ବିଇଓ ମନୋରଞ୍ଜନ ବାରିକ ଯୋଗ ଦେଇ ଏକ ଦୁର୍ନୀତି ମୁକ୍ତ ଭାରତ ଗଠନ ନିମନ୍ତେ ଛାତ୍ରୀଛାତ୍ରମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବାରିକ, ପ୍ରେସ କ୍ଲବର ସଭାପତି ଶରତ ତ୍ରିପାଠୀ, ଚମ୍ପାଝର ସରପଞ୍ଚ ପାଙ୍ଗିଲା ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସାର୍ଥକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ବେକାରମୁକ୍ତ ମୟୂରଭଞ୍ଜ ଗଠନ ଦାବିରେ ବିକ୍ଷୋଭ



ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ 'ସରକାର ମୋତେ ରୋଜଗାର ଦିଅ' ନାରା ଦେଲେ ଶତାଧିକ ଯୁବକ

■ ଜିଲାର ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ଦାବି କଲା ଭଞ୍ଜସେନା

ବାରିପଦା ଅଫିସ, ୧୨।୨

ବେକାରମୁକ୍ତ ମୟୂରଭଞ୍ଜ ଗଠନ ଦାବିରେ ଭଞ୍ଜସେନା ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦିଆଯାଇଥିଲା। ଶିମିଳିପାଳର ସୁରକ୍ଷା ସମେତ ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ କରି ଜିଲାକୁ ବେକାରମୁକ୍ତ କରିବା ପାଇଁ ଭଞ୍ଜସେନା ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ସେନାର ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ ଯୁବକ ଯୋଗ ଦେଇ 'ସରକାର ମତେ ରୋଜଗାର ଦିଅ' ନାରା ଦେଇଥିଲେ। ଭଞ୍ଜସେନା ପକ୍ଷରୁ କୁହାଯାଇଛି ଯେ, ବିଶ୍ୱସ୍ତରୀୟ ଟ୍ରାଭେଲସ୍ ଏବଂ ଟୁରିଜମ୍ କ୍ଷେତ୍ରରେ ୩୧୯ ଲକ୍ଷ ବେରୋଜଗାର ଯୁବତୀ ଯୁବକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାରକ୍ଷମ ହେଉଛନ୍ତି। ଏଥିସହିତ ବିଶ୍ୱ ଅର୍ଥନୀତିରେ ଶତକଡ଼ା ୩.୯ % ଆର୍ଥିକ ଯୋଗଦାନ ଦେବାରେ ଏହା ସହାୟକ ହୋଇଥାଏ। ଜିଲାରେ ଶିମିଳିପାଳ ଜାତୀୟ ଉଦ୍ୟାନ ରହିଥିବା ବେଳେ ଏହାର ଯେଉଁଭଳି ଭାବେ ଉନ୍ନତି ହେବା କଥା ହୋଇପାରୁ ନାହିଁ, ଫଳରେ ଜିଲାର ଯୁବକମାନେ ବେକାର ହୋଇ ବସି ରହିଛନ୍ତି। ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସମେତ ଏହାର ଚତୁଃପାର୍ଶ୍ୱରେ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଶତାଧିକ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରାଯାଇ ପାରିଲେ ବର୍ଷ ତମାମ ସେ ସ୍ଥାନକୁ ପର୍ଯ୍ୟଟକମାନଙ୍କ ଆଗମନ ହୁଅନ୍ତା। ସେହିଭଳି ରେଳଲାଇନ୍ କ୍ଷେତ୍ରରେ ଉନ୍ନତୀକରଣ କରାଗଲେ ପର୍ଯ୍ୟଟକମାନେ ଆସିବାକୁ ଆଗ୍ରହ ପ୍ରକାଶ କରନ୍ତେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ସେନା ପକ୍ଷରୁ ଦାବି କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଥିବା ଦୁର୍ଲଭ ଜାତୀୟ ଔଷଧୀୟ ବୃକ୍ଷଗୁଡ଼ିକୁ ଚିହ୍ନଟ କରି ଏହାକୁ ବାହାରକୁ ରପ୍ତାନି କରାଯିବା ସହିତ ଜିଲାରେ ଆୟୁର୍ବେଦ ଔଷଧ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରାଯାଇପାରନ୍ତା ବୋଲି ଭଞ୍ଜସେନା ପକ୍ଷରୁ ଦର୍ଶାଯାଇଛି। ଜିଲାରେ ବନ୍ଦ ହୋଇ ପଡ଼ି ରହିଥିବା କଳକାରଖାନା ଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ସହ ସବାଇ ଘାସ ଶିଳ୍ପ ଓ ବାଉଁଶ ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି କାଗଜ କଳ ଓ ବାଉଁଶ କୁଟୀର ଶିଳ୍ପ କରାଯାଇପାରିଲେ ଜିଲାରେ ବେକାରି ସଂଖ୍ୟା ହ୍ରାସ ହୋଇପାରନ୍ତା। ଏ ନେଇ ଭଞ୍ଜସେନା ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୌନବ୍ରତ ଆପଣାଇଛନ୍ତି। ଫଳରେ ଜିଲାରେ ବେକାରି ସମସ୍ୟା ଜଟିଳରୁ ଜଟିଳ ହେବାରେ ଲାଗିଲାଣି। ଯଦି ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ଧ୍ୟାନ ନ ଦେବେ ତାହା ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ବସା, ଭାନୁମିତ ଆଚାର୍ଯ୍ୟ, ଯୁବଛାତ୍ର ସଙ୍ଗଠକ ରାକେଶ ବେହେରା, ଉପଖଣ୍ଡ ସଭାପତି ସୌମ୍ୟ ଶେଖର ପାଲ୍, ନିମାୟୀ ତ୍ରିପାଠୀ, ଉପସଭାପତି ପ୍ରଶାନ୍ତ ମହାକୁଡ଼, ସମ୍ପାଦକ ରାକେଶ ମହାନ୍ତି, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି , ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସହର ଉପସଭାପତି ଏସ୍ କେ ରାଜାଖାନ, ଅମରେଶ ସିଂ, ଆଲୋକ ବେହେରା , ମନୋଜ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମୀମାନେ ଧାରଣାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଚକ୍ଷୁ ସୁରକ୍ଷା ସଚେତନତା ଶିବିର

ଉଦଳା,୧୨।୨(ଡି.ଏନ୍.ଏ.)
ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ରେଞ୍ଜର୍ସ ୟୁନିଟ୍ ତରଫରୁ ଚକ୍ଷୁ ସୁରକ୍ଷା ଓ ଚକ୍ଷୁଦାନ ସମ୍ପର୍କରେ ମାଗଣା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପିଆରଏମ ମେଡିକାଲ କଲେଜର ଚକ୍ଷୁ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଚିତ୍ରା ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇ ଥିଲେ। କଲେଜ ଅଧକ୍ଷା ଜୟଶ୍ରୀ ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିବା ବେଳେ କର୍ମଚାରୀ କ୍ଷୀରୋଦ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ରେଞ୍ଜର୍ସ ଶାଖାର ମୁଖ୍ୟ ଅଧାପିକା ଲକ୍ଷ୍ମୀପ୍ରିୟା ସାମଲ, ଶାନ୍ତିଲତା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାରସକଣା: ୬ କେନ୍ଦ୍ରରେ ୮୫୪ ମାଟ୍ରିକ୍ ପରୀକ୍ଷାର୍ଥୀ

ଝାରପୋଖରିଆ, ୧୨।୨ (ଡି.ଏନ୍.ଏ.):
ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତ ମାସ ୧୯ ତାରିଖଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଟ୍ରିକ ପରୀକ୍ଷା ନିମନ୍ତେ ସାରସକଣା ବ୍ଲକ୍‌ରେ ୬ଟି ପରୀକ୍ଷା କେନ୍ଦ୍ର ସ୍ଥିରୀକୃତ ହୋଇଛି। ଶୀର୍ଷା ସରକାରୀ ଉଚ୍ଚବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ନୋଡାଲ ସେଣ୍ଟର ଅଧୀନ ୬ଟି ପରୀକ୍ଷା କେନ୍ଦ୍ରରେ ମୋଟ ୮୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଈଶ୍ୱରଚନ୍ଦ୍ର ହାଇସ୍କୁଲ ଖେରଣାରେ ୧୪୦ ଜଣ, ଗୋବିନ୍ଦପୁର ଏସ୍ଏସ୍ଡି ହାଇସ୍କୁଲରେ ୧୮୩, ଗୋନଳୀ ଗୋଲାପମଣି ହାଇସ୍କୁଲରେ ୧୪୫, ରାଜାଲୋକା ନୂତନ ଉଚ୍ଚବିଦ୍ୟାଳୟରେ ୧୧୬, ଜାଲଦା ଶୋଭାରାଣୀ ଉଚ୍ଚବିଦ୍ୟାଳୟରେ ୧୦୪ ଓ ଶୀର୍ଷା ସରକାରୀ ଉଚ୍ଚବିଦ୍ୟାଳୟରେ ୧୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଚଳିତ ମାଟ୍ରିକ୍ ପରୀକ୍ଷା ଦୈନିକ ସକାଳ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୩୦ରେ ଶେଷ ହେବ ବୋଲି ନୋଡାଲ ସେଣ୍ଟରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତ କହିଛନ୍ତି। ସରକାରଙ୍କ ପକ୍ଷରୁ ଘୋଷିତ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା ଥିବା ବେଳେ ସାରସକଣା ବ୍ଲକ୍‌ରେ ସ୍ଥାପିତ ୬ଟି କେନ୍ଦ୍ରରୁ ୨ଟି ସରକାରୀ ହାଇସ୍କୁଲ ଶୀର୍ଷା ଓ ଜାଲଦା ଶୋଭାରାଣୀ ହାଇସ୍କୁଲରେ କେବଳ ସିସିଟିଭିର ବ୍ୟବସ୍ଥା ଥିବାବେଳେ ଅନ୍ୟ ୪ଟି କେନ୍ଦ୍ରରେ ଅଦ୍ୟାବଧି ଲାଗି ନ ଥିବା ଜଣାପଡ଼ିଛି।

## ରାଇରଙ୍ଗପୁରରେ ଜୈବିକ ଖତ କେନ୍ଦ୍ର କାର୍ଯ୍ୟକ୍ଷମ



'ବଡ଼ା ଖାନା' କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ରାଇରଙ୍ଗପୁର,୧୨।୨(ଡ଼ି.ଏନ୍.ଏ.)
ରାଇରଙ୍ଗପୁର ପୌର ପରିଷଦ ପକ୍ଷରୁ ସହରାଞ୍ଚଳର ଗଡ଼ ବସ୍ତୀ ଅଞ୍ଚଳରେ କ୍ଷୁଦ୍ର ଜୈବିକ ଖତ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ପିଡି ଡିଆରଡିଏ ଚଞ୍ଚଳ କୁମାର ରଣା, ପୌର ପରିଷଦର ପ୍ରଶାସକ ତଥା ଉପ ଜିଲାପାଳ ଧର୍ମାନନ୍ଦ ବେହେରା, ପୌର ପରିଷଦର ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପୌର ପରିଷଦ ପକ୍ଷରୁ ସ୍ଥାନୀୟ କଚେରି ପଡ଼ିଆ ପରିସରରେ ପୌର ପରିଷଦର କର୍ମଚାରୀମାନଙ୍କୁ ନେଇ 'ବଡ଼ା ଖାନା' କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପୌର ପରିଷଦର ପଦାଧିକାରୀ, ସଫେଇ କର୍ମଚାରୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ।

# ଟିକ୍ ଟକ୍ ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣେ ଅତିଥି ବକ୍ତବ୍ୟ ଦେଉଛନ୍ତି।

ବାରିପଦା ଅଫିସ, ୧୨।୨

ଅମ୍ବିକା ମନ୍ଦିରସ୍ଥିତ କଲ୍ୟାଣୀମଣ୍ଡପ ଠାରେ ଟିକ୍‌ଟିକ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଓ ଟିଭିର ସିଇଓ କୌଶିକ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ପ୍ରଦୀପ ଦାଶ, ଅଭିଜିତ୍ ମହାନ୍ତି, ବିଶ୍ୱନାଥ ସାମନ୍ତରାୟ, ଚଳଚ୍ଚିତ୍ର ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ପୂର୍ବତନ ନଗରପାଳ ଜିତେନ୍ଦ୍ର ମହାନ୍ତି, ପ୍ରେମଜିତ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଟିକ୍‌ଟିକ୍ ଦ୍ୱାରା ଆଜିକାର ଯୁବପିଢି ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବା ଭଲ କଥା କିନ୍ତୁ କେତେକ ଏହାର କୁବ୍ୟବହାର କରୁଥିବାରୁ ଏଥିରୁ ନିବୃତ୍ତ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉତ୍ତର ଓଡ଼ିଶା ତଥା ଜିଲାର ବିଭିନ୍ନ ସ୍ଥାନରୁ ଟିକ୍‌ଟିକ୍ ପ୍ରେମୀମାନେ ଯୋଗଦେଇ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। ଦେବବ୍ରତ ଦେ, ଶିବାନନ୍ଦ ଦେ,ବିଶାଳ ପାଣି, କୁମାର ରାକେଶ, ତନ୍ମୟ ଜେନା, ଦୀନେଶ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବତନ ନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୁଦଡ଼ିହାରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ

କପ୍ତିପଦା,୧୨।୨ (ଡ଼ି.ଏନ୍.ଏ.)- କପ୍ତିପଦା ବ୍ଲକ୍‌ର ନୁଦଡ଼ିହା ଜଗନ୍ନାଥ ମନ୍ଦିରରେ ପବିତ୍ର ମାଘ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପୂଜକ ଠାକୁରଙ୍କର ପ୍ରାତଃ ନୀତି ସମ୍ପନ୍ନ କରିବା ପରେ ଗୁରୁ ପୂଜା, ସୂର୍ଯ୍ୟ ପୂଜା ସମ୍ପାଦନ କରିଥିଲେ। ଶ୍ରୀଜଗନ୍ନାଥ ଚତୁର୍ଭୁଜ ହୋଇ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିଲେ। ଶ୍ରୀ ବଳଭଦ୍ର ଚତୁଃହସ୍ତରେ ଶଙ୍ଖଚକ୍ର, ହଳମୂଷଳ ଧାରଣ କରିଥିବାବେଳେ ଦେବୀ ସୁଭଦ୍ରା ଶ୍ରୀକୃଷ୍ଣଙ୍କ ସଦୃଶ ପାଦଛନ୍ଦି ଏକ ପଦ୍ମକଢ଼ି ଧରି ସିଂହାସନରେ ବିଦ୍ୟମାନ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ଅଧାପକ ନକୁଳ ଜେନା, ଉପଦେଷ୍ଟା ସୁଧାଂଶୁ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ଭଗବାନ ବେହେରା, ଦିବାକର ନାୟକ, ଚିନ୍ତାମଣି ବେହେରା, ଉପସଭାପତି ବୃନ୍ଦାବନ ବେହେରା, ଜଗନ୍ନାଥ ରାଉତ, ରବିନାରାୟଣ ନାୟକ, ପ୍ରତାପ ବେହେରା, କାର୍ତ୍ତିକ ନାୟକ, ବିଦ୍ୟାଧର ସାହୁ, ସଞ୍ଜୁଲତା ଜେନା, ପ୍ରାର୍ଥନା ନାୟକ, ଜଗନ୍ନାଥ ରାଉତ, ସରପଞ୍ଚ କାହ୍ନୁଚରଣ ସୋରେନ୍, ବିଜୟାନନ୍ଦ ବେହେରା, ବୁଦ୍ଧିରାମ ପଲତା, ଭଗୀରଥ ବେହେରା, ଭକ୍ତହରି ଜେନା ଓ ଗ୍ରାମର ବହୁ ଉତ୍ସାହୀ ଯୁବକଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ବେଶକୁ ଦେଖିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା ।

# କ୍ଷେତ୍ର ପରିଦର୍ଶନ ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବଡ଼ସାହି,୧୨।୨(ସ୍ୱ.ପ୍ର)

**ଜିଲାପାଳଙ୍କ ବଡ଼ସାହି ବ୍ଲକ ଗସ୍ତ**

ବୁଧବାର ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ବଡ଼ସାହି ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରି ଫେରିଛନ୍ତି । ଯୋଗୀନୂଆଗାଁ ପଥରା ଗ୍ରାମ ଅଙ୍ଗନୱାଡୀ କେନ୍ଦ୍ରରେ ପହଞ୍ଚି ଶିଶୁମାନଙ୍କ ଖାଦ୍ୟ ଓ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ପରେ କୋଚିଲାଖୁଣ୍ଟା ଗ୍ରାମ ଏସ୍ଏସ୍‌ଜି ଗ୍ରୁପର ମହିଳାଙ୍କ ଦ୍ୱାରା ଲାଖରେ ପ୍ରସ୍ତୁତ କରାଯାଉଥିବା ଚୁଡିର ବେଶ ଆଦର ବଢିଥିବା କର୍ମଶାଳାରେ ଯୋଗଦେଇଥିଲେ। ଶିଆଳୀଘାଟୀ ପଞ୍ଚାୟତ କାଉଚି ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ଚାଲୁଥିବା ଏକ ଖେଳ ପଡିଆକୁ ତଦାରଖ କରିବା ସହ ପ୍ରତ୍ୟେକ ଶ୍ରମିକଙ୍କୁ ଶହେ ଦିନର କାର୍ଯ୍ୟ ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱଚ୍ଛତା ଓ ନିରାମୟ ଔଷଧ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମାଳିହାତୀଠାରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ର, ମାଣତ୍ରୀ ଓ ଭୀମଦାଠାରେ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ନିର୍ମାଣ ହୋଇଥିବା ଗୃହକୁ ଉଦଘାଟନ କରିଥିଲେ। ସେଠାରୁ ମାଣତ୍ରୀ ଏସ୍ଏସ୍‌ଡି ବାଳିକା ବିଦ୍ୟାଳୟ ଓ ରତନପୁର ପ୍ରାଥମିକ ସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନର ମାନ ପରଖିବା ସହ ଭୋଜନ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା, ସ୍କୁଲର ସମସ୍ୟା ଓ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଚେଙ୍ଗୁଆ-ମଙ୍ଗଳପୁର ବାଳାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ସାହି ବିଡିଓ ଦିଲ୍ଲୀପ କୁମାର ମହାରଣା, ଭାରପ୍ରାପ୍ତ ତହସିଲଦାର ପୃଥ୍ୱିରାଜ ପରିଡା, ଜିଲା ଶିଶୁ ମଙ୍ଗଳ ଅଧିକାରିଣୀ ମମତାମୟୀ ବିଶ୍ୱାଳ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ବେଣୁଧର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ଜିଲାପାଳ ବିନୀତ ଭରଦ୍ୱାଜ ବଡ଼ସାହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।



## ସଂକ୍ଷେପରେ

### ନିଖୋଜ ଶିଶୁ କନ୍ୟା ଉଦ୍ଧାର

ବଡ଼ସାହି,୧୨।୨(ସ୍ୱ.ପ୍ର)-ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜାରେ ନିଖୋଜ ଥିବା ଶିଶୁକନ୍ୟାଙ୍କୁ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ପୋଲିସ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶିଶୁ କନ୍ୟାଙ୍କୁ ପାଇ ପରିବାର ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟା ସମୟରେ ପରିବାର ଲୋକଙ୍କ ସହ ମେଳା ବୁଲିବାକୁ ଆସିଥିବା ବେଳେ ବାଟବଣା ହୋଇ ସେଠାକାର ଜଙ୍ଗଲ ମଧ୍ୟରେ ଶିଶୁ କନ୍ୟା ଜଣକ ହଜିଯାଇଥିଲେ। ଅନ୍ଧାର ମାଡ଼ି ଆସିବାରୁ ରାତିରେ କୁଆଡ଼େ ଯାଇ ନ ପାରି ଜଙ୍ଗଲ ମଧ୍ୟରେ କାନ୍ଦୁଥିଲା। କାନ୍ଦ ଶୁଣି ନୀଳଗିରି ଥାନା ଅଞ୍ଚଳର ସୁଶାନ୍ତ ରାଉତ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ଥାନା ଅଧୀନ ଚଡରାଶୋଳ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲା। ବୁଧବାର ଶିଶୁକନ୍ୟାଟି ସେଠାରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୨୦/୨୦) ରୁଜୁ ହୋଇଛି।

### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର

କୁଆମରା ,୧୨।୨(ଡ଼ି.ଏନ୍.ଏ.)- ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ 'ଆମ ଅଞ୍ଚଳର ଶିକ୍ଷା ଓ ସେଥିରେ ଆମର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଗରିକ ମଞ୍ଚର ସଭାପତି ସନାତନ ଜେନାଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ସାମାଜିକକର୍ମୀ ଗୌରଚନ୍ଦ୍ର ଦାସ, କ୍ଷେତ୍ରମୋହନ ମିଶ୍ର, ପ୍ରଧାନ ଶିକ୍ଷକ କୁଳମଣି ନାୟକ, ପୁରୁଣା ବାରିପଦା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ପ୍ରସାଦ ରାଉତ, କୁଣ୍ଡାବାଇ ପଞ୍ଚାୟତ ସମିତି ସଭ୍ୟା ସବିତା ହାଁସଦା, ପୂର୍ବତନ ସରପଞ୍ଚ ବୁଧିରାମ ସିଂ, ଡଙ୍ଗାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକ୍ତାମଣୀ ବେହେରା, ସଭାପତି ଛତିଶ ନାୟକ, ସିଆରସିସି ଅକ୍ଷୟ କୁମାର ପୃଷ୍ଟି ପ୍ରମୁଖ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଗଠନ ମୂଳକ ଆଲୋଚନା, ସମସ୍ୟା ସମାଧାନର ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଞ୍ଚଳର ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ସର୍ବେଶ୍ୱର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୈଶିଙ୍ଗା,୧୨।୨(ଡ଼ି.ଏନ୍.ଏ.)- ବୈଶିଙ୍ଗା ବଜାର ସ୍ଥିତ ସେଣ୍ଟ ଜାଭିୟର୍ ହାଇସ୍କୁଲ ପରିସରରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ମୀନକେତନ ସ୍ୱାଇଁ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ମିଶ୍ର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ସବୁଦିନ ସ୍କୁଲ ଯିବା କାର୍ଯ୍ୟକ୍ରମ'କୁ ନଜରରେ ରଖି ବିଦ୍ୟାଳୟ ତରଫରୁ ବିଗତ ବର୍ଷ ସର୍ବାଧିକ ଉପସ୍ଥାନ ଥିବା ଜଣେ ଛାତ୍ର ଓ ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଶ୍ରୀ ଭାଗ୍ୟଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱରାଜ ଦାଶ, ତପନ କୁମାର ଦାସ, ସିଲିକା ରାଣୀ ଲେଙ୍କା, ଗୁନୀ ରାଉତ, ସୂଚିସ୍ମିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତହସିଲ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

ବାରିପଦା ଅଫିସ , ୧୨।୨

**ଜମି ପଟ୍ଟା ବଣ୍ଟନରେ ଅନିୟମିତତା**


ହିତାଧିକାରୀମାନେ ତହସିଲ ଘେରାଉ କରିଛନ୍ତି।

ରାଜ୍ୟସରକାରଙ୍କ ଯୋଜନା ଅନୁଯାୟୀ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଧୀନ ଦୁଧିଆଶୋଳ ପଞ୍ଚାୟତର ଭୂମିହୀନ କାଳିନ୍ଦୀ ସମ୍ପ୍ରଦାୟର ଲୋକମାନଙ୍କୁ ବସୁନ୍ଧରା ଯୋଜନାରେ ପ୍ରଶାସନ ପକ୍ଷରୁ ୨୦୦୬ରେ ୪ ଡେସିମିଲ ଜମି ଯୋଗାଇ ଦିଆଯାଇଥିଲା । ମାତ୍ର ଏହି ଜମି ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ହିତାଧିକାରୀମାନଙ୍କ ଅଭିଯୋଗ ଅନୁଯାୟୀ କେଉଁଠି ଗୋଟିଏ ପରିବାରର ୨ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଅଛି ତ ଆଉ କେଉଁଠି ଯେଉଁମାନଙ୍କର ନିଜସ୍ୱ ଜମି ରହିଛି ସେମାନଙ୍କୁ ମଧ୍ୟ ଜମିପଟ୍ଟା ପ୍ରଦାନ କରାଯାଇଛି । ଏହି ଭଳି ପକ୍ଷପାତିତାକୁ ବିରୋଧ କରି ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଗ୍ରାମବାସୀ ଶାମାଖୁଣ୍ଟା ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଥିଲେ ।

# 'ଭଲ ମଣିଷ ହେବାକୁ ଗୁରୁଜନଙ୍କ ଆଶୀର୍ବାଦ ଲୋଡ଼ା'



ଆରଡେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବନ୍ତ,୧୨।୨(ସ୍ୱ.ପ୍ର.)

ଗୁରୁଜନଙ୍କ ଆଶୀର୍ବାଦ ବିନା ଜୀବନରେ କେହି ଭଲ ମଣିଷ ହୋଇପାରିବେନି। ଗୁରୁଜନଙ୍କ ଆଶୀର୍ବାଦ ସହିତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆବଶ୍ୟକ ବୋଲି ବନ୍ତ ବ୍ଲକ ଆଡିଆସ୍ଥିତ ଆରଡେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର କହିଥିଲେ। ପ୍ରଧାନଶିକ୍ଷକ ହୃଷିକେଷ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ ଏବଂ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ପ୍ରଦ୍ୟୁମ୍ନ କୁମାର ଦାସ, ନାଏବ ସରପଞ୍ଚ ବିଶ୍ୱନାଥ ପାତ୍ର, ପ୍ରାକ୍ତନ ସରପଞ୍ଚ ଶଙ୍କର୍ଷଣ ରଥ, ବ୍ରିଗେଡ ସ୍କୁଲ ଅଧ୍ୟକ୍ଷ ହରିହର ଜେନା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆ ଓ ଗଣେଶ ପ୍ରସାଦ ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଜଗନ୍ନାଥ ମଲ୍ଲିକ ଓ ବନମାଳି ବାରିକ ପ୍ରମୁଖ ମତପ୍ରକାଶ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ଦିଆଯାଇଥିଲା। ଶେଷରେ ୩ ଶ୍ରେଣୀରେ ଚଳିତବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସତ୍ୟଭାମା ମେଧାବୃତ୍ତି, ଅନନ୍ତ ଚରଣ ସ୍ମାରକୀ ମେଧାବୃତ୍ତି ଓ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ଗଣେଶ ପ୍ରସାଦ ସାମଲ ଟାଲେଣ୍ଟ ସର୍ଚ୍ଚ ପ୍ରଦତ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ, ପରମାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ ମଲ୍ଲିକ, ଯୁଧିଷ୍ଠିର ନାୟକ, ଶିକ୍ଷା କର୍ମଚାରୀ ରଙ୍ଗାଧର ସାହୁ, ଶଙ୍କର୍ଷଣ ନାୟକଙ୍କ ସହ କମିଟି ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟଭିତ୍ତିକ ଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା ଅଫିସ, ୧୨।୨– ଉତ୍କଳମଣି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଗୁରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ଭିତ୍ତିକ ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଡ.ପ୍ରଜ୍ଞା ପାରମିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ନିଜକୁ ଆଦର୍ଶ ଶିକ୍ଷକ ଭାବେ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଓମ୍ ପ୍ରକାଶ ମହାନ୍ତ, ଛାତ୍ରୀ ସିନ୍ଧୁସ୍ମିତା ମହାପାତ୍ର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ବିରଞ୍ଚି ନାରାୟଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ଦଣ୍ଡପାଟ, ଡ. ମମିଧର ବିଶ୍ୱାଳ, ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ବାଙ୍ଗିରିପୋଷି,୧୨।୨(ଡ଼ି.ଏନ୍.ଏ.)–

ଜିଲାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ସ୍ୱେଚ୍ଛାସେବୀ ଓ ବାଙ୍ଗିରିପୋଷି ବନ ବିଭାଗର ମିଳିତ ସହଯୋଗରେ ଦ୍ୱାରଶୁଣୀ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ହାତୀ ମୃତ୍ୟୁର କାରଣ ଓ ନିରାକରଣ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଦ୍ୱାରଶୁଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରବୀର କୁମାର ରାଉତ, ବିନୋଦିନୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରତିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ହାତୀ ମୃତ୍ୟୁର ବିଭିନ୍ନ କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗୀତାରେ ୧୦ଟି ବିଦ୍ୟାଳୟରୁ ଛାତ୍ରୀଛାତ୍ର ଭାଗନେଇଥିଲେ। ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ଅଂଳାଗୁଞ୍ଜାର ଛାତ୍ରୀ କୁମାରୀ ଶ୍ୱେତା ପ୍ରଜ୍ଞା ଦାସ ପ୍ରଥମ, ଏସ.ଏସ.ଡି ବଣକାଟୀର ଛାତ୍ରୀ କୁମାରୀ ପ୍ରିତିପ୍ରଜ୍ଞା ପାତ୍ର ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସ୍ୱାଗତ ବେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ସଂଗଠନ ତରଫରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କର୍ମୀ ପରଶୁରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

ବାରିପଦା ଅଫିସ, ୧୨।୨

ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାପଡ଼ିଆରେ ଦିନିକିଆ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ଭଜହରି ମହାପାତ୍ର, ଜିଲା ଆଥ୍ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ଖେଳାଳି ପରେଶ ଚନ୍ଦ୍ର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ୍ ମ୍ୟାଚ୍ ମୁସ୍‌କାନ ଭଲିବଲ ଟିମ୍ ଓ ମା'କିଚକେଶ୍ୱରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨–୧ ଗୋଲ୍‌ରେ ମୁସକାନ୍ ଟିମ୍ ଚାମ୍ପିୟନ୍ ହୋଇଥିଲା। ଶ୍ରେଷ୍ଠ ଖେଳାଳିଭାବେ ରୂପକ ମହାନ୍ତ, ଶ୍ରେଷ୍ଠ ବେଟରଭାବେ ଗୌତମ ସେଠୀ, ଶ୍ରେଷ୍ଠ ସ୍ମାସର ଭାବେ କିଷାନ ମହାନ୍ତିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାଣ୍ଡି, ମୁରାରୀ ଶର୍ମା, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରେଫରୀ ଭାବେ ଦେବକାନ୍ତ ନାୟକ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ଓଡ଼ିଶା ପୋଲିସ ଭଲିବଲ କୋଚ୍ ମନୋରଞ୍ଜନ ଜୀଉଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ସମ୍ପାଦକ ସପନ ପଣ୍ଡାଙ୍କ ସମେତ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# କୁଷ୍ଠ ରୋଗ ସଚେତନତା କୁଇଜ୍ ପ୍ରତିଯୋଗିତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁଳିଅଣା,୧୨।୨(ଡି.ଏନ୍.ଏ.)

କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାଇଗଣବାଡିଆ ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କୁଷ୍ଠ ରୋଗ ସଚେତନତା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସୁକନ୍ୟା ପ୍ରିୟଦର୍ଶିନୀ ନାୟକ, ଚନ୍ଦନ ପାତ୍ର ଓ ବନାଲୀ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ଭଗବାନ ମିଶ୍ର ପୁରସ୍କାର ବିତରଣୀ ସଭାରେ ସଭାପତିତ୍ୱ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡା.ସରୋଜ ନାୟକ, ସବିତା ପାଲ, ସ୍ୱାସ୍ଥ୍ୟ ପରିଦର୍ଶକ ଜଟାଧାରୀ ମାଝି, ପ୍ରଦ୍ୟୁମ୍ନ ମହାରଣା, ସ୍ୱାସ୍ଥ୍ୟକର୍ମୀ ରଘୁ ନାଏକ, ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ରହି କୁଷ୍ଠ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ନେହାଶିଷ ବେଜ ଓ ହିମାଂଶୁ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଷ୍ଟାଇପେଣ୍ଡ ପ୍ରଦାନ ଲାଗି ଦାବିପତ୍ର

ବାରିପଦା ଅଫିସ, ୧୨।୨

୨୦୨୦ ଶିକ୍ଷା ବର୍ଷର ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ଷ୍ଟାଇପେଣ୍ଡ ଟଙ୍କା ପ୍ରଦାନ ଦାବିରେ ମାର୍ସା ଆର୍ମୀ ସଂଗଠନ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ଜିଲାର କିଛି ଛାତ୍ରୀଛାତ୍ରମାନଙ୍କୁ ୨୦୨୦ ଶିକ୍ଷା ବର୍ଷର ଷ୍ଟାଇପେଣ୍ଡ ମିଳିଥିବା ବେଳେ ଅଧିକାଂଶ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ପାଇ ନାହାନ୍ତି କୋର୍ସ ଶେଷ ହେବାକୁ ବସିଥିବା ବେଳେ ପରୀକ୍ଷା ଫି, ହଷ୍ଟେଲ ଫି, ବିଦ୍ୟୁତ୍ ଫି, ଟିଉସନ ଏବଂ କଲେଜର ବିଭିନ୍ନ ଫି ଦେବାରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ସମାଧାନ ପାଇଁ ମାର୍ସା ଆଦିବାସୀ ସଂଗଠନ ପକ୍ଷରୁ ୭ ଦିନ ଭିତରେ ସମସ୍ତ ଷ୍ଟାଇପେଣ୍ଡ ଟଙ୍କା ପ୍ରଦାନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ଭିତରେ ଏହାର ସମାଧାନ ନ ହେଲେ ଜିଲା ମଙ୍ଗଳ କାର୍ଯ୍ୟାଳୟ ସମ୍ମୁଖରେ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ନେତୃତ୍ୱରେ ଜିଲା ସଭାପତି ମୁକେଶ ମାର୍ଣ୍ଡି, ସାଧାରଣ ସମ୍ପାଦିକା ସତ୍ୟବତୀ ଟୁଡୁ, ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରଣଜିତ ସିଂ, ସଞ୍ଜୟ କୁମାର ନାଏକ, ଦାଶରଥି ହେମ୍ବ୍ରମ, ରଜତ ନାଏକ. ମହେଶ୍ୱର ମାହାଲି, ଶିବାନୀ ସିଂ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ଶିବିର

କପ୍ତିପଦା,୧୨।୨(ଡ଼ିଏନ୍ଏ)

ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶରତ ଥାନା ଅଧିକାରିଣୀ ରୀନା ବକ୍ସଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅଧକ୍ଷ ଭଗବାନ ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ବକ୍ସଲ ଆତ୍ମ ସୁରକ୍ଷା ତାଲିମର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଏଏସଆଇ ପ୍ରବୋଧ କୁମାର ନାୟକ, ଅଧ୍ୟାପକ ଅଶୋକ କୁମାର ସାହୁ, ମନୋରଞ୍ଜନ ବିହାରୀ ଓ ସଂଯୋଜକ ଶୀତକଣ୍ଠ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବହଳଦା, ୧୨।୨ (ଡ଼ି.ଏନ୍.ଏ.)

ବହଳଦା ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ବହଳଦା ବ୍ଲକର ମିଳିତ ସହଯୋଗରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନ୍ନପୂର୍ଣ୍ଣା ମହାନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୩ବର୍ଷରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ପକ୍ଷରୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଥିଲା । ୧୨ଟି ପଞ୍ଚାୟତରୁ ମୋଟ ୩୫୪ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ । ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ମୋହନ ଚରଣ ମୁର୍ମୁ, ଭେଷଜ ବିଶେଷଜ୍ଞ ଡ.ରୀତା ଟୁଡୁ, କର୍ଣ୍ଣ, ନାସା ଗଳାବିଶେଷଜ୍ଞ ଡ.ମାନସ ରଞ୍ଜନ ଶତପଥୀ, ଚକ୍ଷୁରୋଗ ବିଶେଷଜ୍ଞ ଡ.ସମରେନ୍ଦ୍ର ମହାପାତ୍ର ଓ ମାନସିକ ରୋଗ ବିଶେଷଜ୍ଞ ଡ.ପ୍ରଦୀପ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ପାରା ମେଡିକାଲ ଷ୍ଟାଫ ପ୍ରମୁଖଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା । ୨୯୩ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ବେଳେ ୪ଜଣଙ୍କୁ ବାଣୀଶ୍ରୀବୃତ୍ତି ୧୦ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ୧୩୩ ଜଣଙ୍କୁ ଦିବ୍ୟାଙ୍ଗ ଉପକରଣ, ବସପାସ ଓ ୧୨ଜଣଙ୍କୁ ସ୍ୱାବଲମ୍ବୀ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିଲା । ବିଡିଓ ରୀତା ଡାଙ୍ଗ, ତହସିଲଦାର ମାଧବ ଚନ୍ଦ୍ର ବିରୁଆ,ଏପିଓ ସିଦ୍ଧାର୍ଥ ପାଲ, ସୁଶାନ୍ତ ସାହୁ, ସରୋଜ ମଲ୍ଲିକ, ଚନ୍ଦ୍ରଶେଖର ଦାସଙ୍କ ସମେତ ମହିଳା ଶିଶୁ ବିକାଶ, ରାଜସ୍ୱ ବିଭାଗ, ଅଗ୍ନିଶମ ବିଭାଗ ଓ ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ । ବ୍ଲକ ସାମାଜିକ ପ୍ରଗତି ସହାୟକ ବିନୋଦ ବିହାରୀ ଜେନାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା ।


ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗ।

# ପରିଚୟ ହରାଇବାକୁ ବସିଛି ପୋଡ଼ାଡ଼ିହା ଡାକବଙ୍ଗଳା

କପ୍ତିପଦା,୧୨।୨(ଡି.ଏନ.ଏ)–


ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ହୋଇ ପଡ଼ିଥିବା ଡାକବଙ୍ଗଳା।

ରାଜରାଜୁଡା ଶାସନ ସମୟରୁ ମୟୂରଭଞ୍ଜ ଜିଲାରେ ବହୁ ଐତିହ୍ୟସ୍ଥଳ ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହ୍ୟ ସବୁ ଶ୍ରୀହୀନ ହେବାକୁ ବସିଛି। କେଉଁଠି ଭାଙ୍ଗରୁଜି ମାଟିରେ ମିଶିବାକୁ ବସିଲାଣି ତ କେଉଁଠି ଜବରଦଖଲକାରୀଙ୍କ କବ୍‌ଜାରୁ ଏହା ମୁକୁଳି ପାରୁନାହିଁ । ଅତୀତକୁ ମନେ ପକାଉଥିବା ତଥା ରାଜତନ୍ତ୍ରର ଗୌରବକୁ ବହନ କରୁଥିବା ଏପରି ଏକ ଐତିହ୍ୟ ହେଉଛି କପ୍ତିପଦା ବ୍ଲକ୍ ଅଧୀନ ଜେଏସ ଜାମୁଡିହା ପଞ୍ଚାୟତ ପୋଡାଡିହା ଗ୍ରାମରେ ଥିବା ଡାକବଙ୍ଗଳା । ରାଜତନ୍ତ୍ର ପରେ ଏହି ଡାକବଙ୍ଗଳାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗିରୁଜି ଯିବା ସହ ପରିଚୟ ହରାଇବାକୁ ବସିଛି। ଏହାର କେତେକ ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏପରି କି ଜଣେ ବ୍ୟକ୍ତି ଏହି ଡାକବଙ୍ଗଳା ଓ ଏହାର ପରିସରକୁ ଦୀର୍ଘ ୨ବର୍ଷ ହେବ ଗୋଦାମ ଭାବେ ବ୍ୟବହାର କରୁଛନ୍ତି । ପୂର୍ତ୍ତ ବିଭାଗର ନୁହାମାଳିଆଠାରୁ ପୋଡ଼ାଡିହା ବନ ବିଭାଗ କାର୍ଯ୍ୟାଳୟ ରାସ୍ତା ନିର୍ମାଣରେ ଏହାକୁ ଗୋଦାମ ଭାବେ ବ୍ୟବହାର କରାଯାଉଥିବା ବେଳେ ଏବେ ପୁଣି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଅସୁରଖାଲରୁ ଶଗଡ଼େଇ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ଏହାକୁ ଗୋଦାମ ଘର ଭାବେ ବ୍ୟବହାର କରାଯାଉଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ରକ୍ଷଣାବେକ୍ଷଣ ସହିତ ପରିସରକୁ ଜବରଦଖଲମୁକ୍ତ କରିବା ଓ ଜଣେ ଜଗୁଆଳିଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ ସମୟରେ ଏହା ନିର୍ମାଣ ହୋଇଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ମହାରାଜା ହାତୀ ଉପରେ ବସି ଶିକାର କରିବା ଉଦ୍ଦେଶ୍ୟରେ ନିକଟସ୍ଥ ମେଘାସନ ପାହାଡ଼, ଶିମିଳିପାଳର ଭଞ୍ଜବସାକୁ ଆସୁଥିବାରୁ ଏଠାରେ ବିଶ୍ରାମ କରିବା ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯାଇଥିବା ଜଣାଯାଇଛି । ବାହାର ରାଜ୍ୟର ରାଜାମାନେ ମଧ୍ୟ ଶିକାର କରିବାକୁ ଆସି ଏଠାରେ ବିଶ୍ରାମ ନେଉଥିବା ଅଞ୍ଚଳର ପୁରୁଖା ଲୋକଙ୍କ ସୂତ୍ରରୁ ଜଣାଯାଇଛି । ଏପରି କି ବିଶ୍ୱଯୁଦ୍ଧ ସମୟରେ ଇଂରେଜମାନେ ଏହି ବଙ୍ଗଳାରେ ରହି ମନଭଙ୍ଗା–ଡଙ୍ଗାଡିହା ରାସ୍ତାର ପାହାଡ଼ ଉପରେ ଥିବା ନଳଖଞ୍ଜଠାରେ ଭୂତଳ ଘର ନିର୍ମାଣ କରୁଥିବା କିମ୍ବଦନ୍ତୀ ରହିଛି । ଏହି ଡାକ ବଙ୍ଗଳାଟି ରାଜକୀୟ ଢଙ୍ଗରେ ନିର୍ମାଣ ହୋଇଥିବାବେଳେ ଏହାର ୭ ଏକର ପାଖାପାଖି ଜାଗା ରହିଛି । ଏହି ପରିସରରେ ହାତୀମାନଙ୍କ ବିଶ୍ରାମ ପାଇଁ ହାତୀ ଘର, ରୋଷେଇ ଶାଳ ମଧ୍ୟ ରହିଛି। ଯାହାକି ବର୍ତ୍ତମାନ ମାଟିରେ ମିଶିବାକୁ ବସିଲାଣି । ହାତୀମାନଙ୍କ ସେବା ଶୁଶ୍ରୂଷା ପାଇଁ ସେତେବେଳେ ଏଠାରେ ୨ ଜଣ ମାହୁନ୍ତ ମଧ୍ୟ ନିଯୁକ୍ତ ହୋଇଥିଲେ । ସ୍ୱାଧୀନତା ପରେ ଉକ୍ତ ଡାକ ବଙ୍ଗଳାଟି ପୂର୍ତ୍ତ ବିଭାଗ ଅଧୀନକୁ ଯାଇଥିଲା । ସ୍ୱର୍ଗତ ଦୀନବନ୍ଧୁ ଟୁଡୁ ନାମକ ଜଣେ ବ୍ୟକ୍ତି ଏଠାରେ ଜଗୁଆଳି କାମ କରୁଥିଲେ । ତାଙ୍କ ଅବସର ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ବଙ୍ଗଳାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି । ଏହା ବର୍ତ୍ତମାନ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଜବରଦଖଲକାରୀ ଏହାର ପରିସରକୁ ଜବରଦଖଲକୁ ନେଉଥିବା ବେଳେ ପରିସରରେ ଥିବା ବହୁ ମୂଲ୍ୟବାନ ଗଛ ମଧ୍ୟ ଲୁଟ୍ ହେବାରେ ଲାଗିଛି। ତେଣୁ ଏହାର ରକ୍ଷଣାବେକ୍ଷଣ ସହିତ ପରିସରକୁ ଜବରଦଖଲମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ନୃସିଂହ ମହାନ୍ତଙ୍କୁ ପଚାରିବାରୁ ପଛପଟୁ ଜବରଦଖଲ ଓ ଗଛକଟା ଘଟଣା ସତ୍ୟ । ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ବେଳେ ଠିକାଦାର ଗୋଦାମ କରିଥିବା କଥା ଜାଣୁ କିନ୍ତୁ, ବର୍ତ୍ତମାନ କ'ଣ ହୋଇଛି ଜଣାନାହିଁ । ଏହାର ରକ୍ଷଣାବେକ୍ଷଣ ଓ ପାଚେରି ପାଇଁ ଆମେ କିଛି ପ୍ରସ୍ତାବ ବିଭାଗୀୟ ଅନୁମୋଦନ ପାଇଁ ପଠାଇଛୁ ଆସିଲେ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକ ମୃତ

ପାଟଣା, ୧୨।୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ କେନ୍ଦୁବେଡ଼ା ରାଇପୁର ରାସ୍ତାର କେନ୍ଦୁବେଡ଼ା ନିକଟରେ ମଙ୍ଗଳବାର ରାତିରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟିପଡ଼ିବା ଫଳରେ ଟ୍ରାକ୍ଟର ତଳେ ଚାପିହୋଇ ଜଣେ ୨୦ ବର୍ଷୀୟ ଯୁବ ଟ୍ରାକ୍ଟର ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଉଦୟପୁର ପଞ୍ଚାୟତ ରାୟପୁର ଗ୍ରାମ ଉପର ସାହିର ସୀତାରାମ ମହାନ୍ତଙ୍କ ପୁଅ ଶ୍ରୀତମ ମହାନ୍ତ। ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ୨ଜଣ ଶ୍ରମିକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଶ୍ରୀତମ କେନ୍ଦୁବେଡାରୁ ଟ୍ରାକ୍ଟର ନେଇ ରାଇପୁର ଘରକୁ ଫେରୁଥିବାବେଳେ ରାତି ୯ଟା ପାଖା ପାଖି ଏହି ଦୁର୍ଘଟଣା ହୋଇଥିଲା। ଘଟଣାସ୍ଥଳରେ ପାଟଣା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଛି। ବୁଧବାର ଅପରାହ୍ନରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୮/୨୦) ରୁଜୁକରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ମିଠା ବ୍ୟବସାୟୀଙ୍କ ପରଲୋକ

ଘସିପୁରା,୧୨।୨(ଡି.ଏନ.ଏ.)- ରାଜ୍ୟ ତଥା ସମଗ୍ର ଜିଲା କେନ୍ଦୁଝର ଜିଲାରେ ପରିଚିତ ଆନନ୍ଦପୁରର ବିଶିଷ୍ଟ ମିଠା ବ୍ୟବସାୟୀ ବାବାଜୀ ଚରଣ ସାହୁଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କ ମର ଶରୀରକୁ ସହର ପରିକ୍ରମା କରାଯାଇଥିଲା। ତାଙ୍କ ବିୟୋଗରେ ଶୋକ ପାଳନ କରି ଘସିପୁରା କାଳୀପୂଜା ବଜାର କମିଟି ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଶେଷରେ ପୁରୀ ସ୍ୱର୍ଗ ଦ୍ୱାରରେ ପରିବାରବର୍ଗ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

### ବ୍ଲକସ୍ତରୀୟ ସମ୍ପର୍କ ଶିବିର

ଚମ୍ପୁଆ, ୧୨।୨(ଡି.ଏନ.ଏ.)- ଚମ୍ପୁଆ ଆଦିବାସୀ ସଂସ୍ଥା ଆନୁକୂଲ୍ୟରେ କାଶିପାଳ ହାଇସ୍କୁଲ ପଡିଆଠାରେ ବ୍ଲକସ୍ତରୀୟ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦ୍ୱାରା ଆଦିବାସୀମାନଙ୍କ ଜନ କଲ୍ୟାଣ ନିମିତ୍ତ ଅନୁଷ୍ଠିତ ଏହି ଶିବିରକୁ ସୁଶିଲ କୁମାର ମହାନ୍ତ ପରିଚାଳନା କରିଥିଲେ। ଅନ୍ୟ ଅତିଥି ଭାବେ କେନ୍ଦୁଝର ପିଏ ଆଇଟିଡିଏ ନାରାୟଣ ମୁର୍ମୁ, ବ୍ଲକ ଅଧକ୍ଷା ରମଣୀ ନାଏକ, ଏବିଡବ୍ଲ୍ୟୁ ବିଜୟ କୁମାର ଗିରି, ସିଡିପିଓ ସୀତା ମୁର୍ମୁ, ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ମିଶ୍ର, ଏବିଡିଓ ଶରତ ଚନ୍ଦ୍ର ବାରିକ, କାଶିପାଳ ସରପଞ୍ଚ ରଜନୀଗନ୍ଧା ନାଏକ ପ୍ରମୁଖ ଯୋଗଦେଇ ଆଦିବାସୀମାନଙ୍କ ପାଇଁ ସରକାରଙ୍କ କଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱୟଂସହାୟକ ଗୋଷ୍ଠୀ, ଚାଷୀ, ବେକାର ଯୁବତୀଯୁବକ, ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକଳ୍ପମାନ ଷ୍ଟଲ ମାଧମରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ଲକର ବିଭିନ୍ନ ସ୍ଥାନରୁ ଆଦିବାସୀ ମହିଳା ପୁରୁଷମାନେ ଯୋଗ ଦେଇଥିଲେ। ଡବ୍ଲ୍ୟୁଇଓ ରବୀନ୍ଦ୍ରନାଥ ସାମନ୍ତରାୟ, ସୌମ୍ୟରଞ୍ଜନ ସାହୁ, ଅମରେନ୍ଦ୍ର ରାଉତ ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ‘ମୋ ସରକାର କକ୍ଷ’ ଉଦ୍‌ଘାଟିତ

କେନ୍ଦୁଝର, ୧୨।୨( ସ୍ୱ.ପ୍ର.)- କେନ୍ଦୁଝର ଡିଆରଡିଏ କାର୍ଯ୍ୟାଳୟରେ ‘ମୋ ସରକାର କକ୍ଷ’କୁ ଜିଲାପାଳ ଆଶିଷ ଥାକରେ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପିଡିଡିଆରଡିଏ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କିତ ଲୋକଙ୍କ ଅଭିଯୋଗ ଏହି କକ୍ଷରେ ଗ୍ରହଣ କରାଯିବା ସହ ସମାଧାନ କରାଯିବ ବୋଲି ଜଣାପଡିଛି। ଜଣେ ବରିଷ୍ଠ ଅଧିକାରୀ ଏହାର ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ଡିଆରଡିଏ ଅଫିସ ପରିସରରେ ଓ ଅଫିସ ଅଧିକାରୀ ଦାୟିତ୍ୱରେ ରହିଲେ କେତେ ଦୂର ନ୍ୟାୟ ମିଳିବ ସେ ନେଇ ସାଧାରଣରେ ଆଲୋଚନା ହେଉଛି।

# ଖୋଲା ପଡ଼ିଆରେ ଶିଶୁକନ୍ୟା ଜନ୍ମ କଲେ ମହିଳା

କେନ୍ଦୁଝର, ୧୨।୨(ସ୍ୱ.ପ୍ର.)

- ଫେଲ ମାରିଛି ସ୍ୱାସ୍ଥ୍ୟସେବା ଯୋଜନା
- ମା’ ଗୃହରେ ରଖାଗଲା ନାହିଁ
- ଠିକ୍ ସମୟରେ ମିଳିଲାନି ଆମ୍ବୁଲାନ୍ସ ସେବା

ବାଂଶପାଳ ବ୍ଲକ ଅଞ୍ଚଳରେ ଜଣେ ପ୍ରସୂତି ମହିଳା ଖୋଲା ପଡିଆରେ ଶିଶୁ ଜନ୍ମ ଭଳି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଉକ୍ତ ମହିଳାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ମେଡିକାଲକୁ ଯାଇଥିଲେ ହେଁ ସେଠାରେ ଥିବା ମା’ ଗୃହରେ ରଖା ନ ଯିବାରୁ ଘରକୁ ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିବା କୁହାଯାଉଛି । ଘଟଣାଟି ମଙ୍ଗଳବାର ଘଟିଥିଲେ ହେଁ ବୁଧବାର ଲୋକ ଲୋଚନକୁ ଆସିଥିଲା। ପ୍ରକାଶ ଯେ ଦୁର୍ଗମ ଅଞ୍ଚଳ ବିଶେଷ କରି ଆଦିବାସୀ ଅଞ୍ଚଳରେ ଉନ୍ନତ ଓ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏହାର ସଫଳ ରୂପାୟନ ହୋଇପାରୁନାହିଁ।

ଏହାର ବାସ୍ତବ ଚିତ୍ର ମଙ୍ଗଳବାର କେନ୍ଦୁଝର ଜିଲା ଆଦିବାସୀ ବହୁଳ ବାଂଶପାଳ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି । ଏହି ବ୍ଲକର କୁଶକଳା ଗ୍ରାମ ନିକଟ କାଦଡିହା ସାହିର ପୂର୍ଣ୍ଣ ମୁଣ୍ଡାଙ୍କ ସ୍ତ୍ରୀ ରଜନୀ ମୁଣ୍ଡାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଥିବା ମା’ଗୃହରେ ତାଙ୍କୁ ରଖା ନ ଯିବାରୁ ଆମ୍ବୁଲାନ୍ସ ନ ମିଳିବାରୁ ସେ ବସ୍ ଯୋଗେ ଘରକୁ ଫେରିଥିଲେ ବୋଲି ଅଭିଯୋଗ ହୋଇଛି। ତେବେ କୁଶକଳାରେ ବସ୍‌ରୁ ଓହ୍ଲାଇ ଘରକୁ ଚାଲିଚାଲି ଯାଉଥିବା ବେଳେ ପ୍ରସବ ଯନ୍ତ୍ରଣା ଅଧିକ ହୋଇଥିଲା। ଫଳରେ ବାଟରେ ଏକ ଖୋଲା ପଡିଆ ଗଛ ମୂଳରେ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ପରେ ଗ୍ରାମବାସୀ ଆମ୍ବୁଲାନ୍ସ ଜରିଆରେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏବେ ମା’ ଓ ଶିଶୁ ବାଂଶପାଳ ମା’ ଗୃହରେ ସୁସ୍ଥ ଅଛନ୍ତି। ତେବେ କାହିଁକି ମା’ ଗୃହରେ ରଖାଗଲା ନାହିଁ ଏବଂ ନେବା ଆଣିବା ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇଦିଆଗଲା ନାହିଁ ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ, ବାଂଶପାଳ ବ୍ଲକରେ ଶିଶୁ ଓ ମାତୃ ମୃତ୍ୟୁହାର ରାଜ୍ୟରେ ଉଦ୍‌ବେଗଜନକ ସ୍ଥିତିରେ ରହିଥିବାରୁ ଏହି ବ୍ଲକ ଅଞ୍ଚଳରେ ଏହାକୁ ରୋକିବା ପାଇଁ ବହୁ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଏଥିପାଇଁ ବହୁ ଅର୍ଥ ଖର୍ଚ୍ଚ ମଧ୍ୟ ହେଉଛି କିନ୍ତୁ ଏହାର ସୁବିଧା ମହିଳାମାନେ ପାଇପାରୁନାହାନ୍ତି। ଏସମ୍ପର୍କରେ କେନ୍ଦୁଝର ସିଡିଏମ୍‌ଓ ଅଶୋକ କୁମାର ଦାସଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ କରାଯିବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବକେୟା ବିଦ୍ୟୁତ୍ ବିଲ୍ ପଇଠ ନେଇ ବୈଠକ

ଯୋଡ଼ା, ୧୨।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ନେସ୍କୋ ସବ୍‌ଡିଭିଜନଠାରେ ନେସ୍କୋ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ୍ ପଇଠ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଲ୍ ପଇଠ କରି ନ ଥିବା ଗ୍ରାହକଙ୍କ ଉପରେ ଚଳିତ ମାସ ୧୬ ତାରିଖରୁ କଡା ଆଭିମୁଖ୍ୟ ଗ୍ରହଣ କରିବାର ନିଷ୍ପତ୍ତି ହୋଇଛି। ଯୋଡା ନେସ୍କୋ ସବ୍‌ଡିଭିଜନ୍ ଅନ୍ତର୍ଗତ ଯୋଡା, ବଡବିଲ୍, ଚମ୍ପୁଆ, ଝୁମ୍ପୁରା ଅଞ୍ଚଳରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏନେଇ ଯୋଡା ନେସ୍କୋ ସବ୍ ଡିଭିଜନ୍‌ର ଏସଡିଓ ଦିବ୍ୟରଞ୍ଜନ ସାହୁ କହିଛନ୍ତି ଯେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ ତାଲିକାରେ ଘରୋଇ ବିଦ୍ୟୁତ ଗ୍ରାହକଙ୍କ ସହିତ ବାଣିଜ୍ୟିକ ଓ ସରକାରୀ କାର୍ଯ୍ୟାଳୟ ରହିଛି । ତୁରନ୍ତ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଯୋଡା ନେସ୍କୋ ଡିଭିଜନ୍ ଅଧୀନରେ ୮୦ ହଜାର ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ୫୪ କୋଟି ଟଙ୍କା ବିଦ୍ୟୁତ ବିଲ୍ ବାକି ପଡିଛି। କେବଳ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ୪ କୋଟି ୮୦ ଲକ୍ଷ ଟଙ୍କା ବାକି ରହିଥିବା ବେଳେ ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ୪୭ କୋଟି ୭୫ ଲକ୍ଷ ଟଙ୍କା ବାକି ଏବଂ ଅନ୍ୟାନ୍ୟ ସଂସ୍ଥା ଓ ସରକାରୀ କାର୍ଯ୍ୟାଳୟ ଉପରେ ଦେଢ଼ କୋଟି ଟଙ୍କା ବାକି ରହିଛି।

# ଆନନ୍ଦପୁର ଗାଦିଗୋସାଇଁ ଚାମ୍ପିୟନ



ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ ଖେଳାଳି।

ଘସିପୁରା, ୧୨।୨ (ଡି.ଏନ.ଏ.)

**କୈଳାସ ସ୍ମାରକୀ କ୍ରିକେଟ**

ଘସିପୁରା ମା ମଙ୍ଗଳା କ୍ରିକେଟ ଆନୁକୂଲ୍ୟରେ କୈଳାସ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ହାଟଡିହୀ ଏକାଦଶକୁ ୮୩ ରନ୍‌ରେ ପରାସ୍ତ କରି ଆନନ୍ଦପୁର ଗାଦିଗୋସେଇଁ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ଆନନ୍ଦପୁର ୭ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ଜବାବରେ ହାଟଡିହୀ ଏକାଦଶ ୧୨ ଓଭରରେ ୬ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। ଶେଷରେ କ୍ଲବ ସଦସ୍ୟ ଆଶିଷ ବେହେରାଙ୍କ ସଂଯୋଜନା ଓ କ୍ରୀଡ଼ା ସଂଗଠକ ବୁଲୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଡିଓ ମଧୁସ୍ମିତା ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବୟୋଜ୍ୟେଷ୍ଠ ବ୍ୟକ୍ତି ନନ୍ଦ କିଶୋର ସାହୁ, ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ଜିତୁ ଦାସ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ସୁନୀଲ ସ୍ୱାଇଁ, ପ୍ରସନ୍ନଜିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। କ୍ଲବ ପକ୍ଷରୁ ସୌମିତ୍ର ସାହୁ, ଚିନ୍ମୟ ନାୟକ, ମନ୍ମଥ ସାହୁ, ସରୋଜ ସାହୁ, ଚିନ୍ମୟ ସାହୁ, ଅବିନାଶ ସାହୁ, ସିପୁନ ବେହେରା, ପଞ୍ଚାନନ ସାହୁ, ସିଦ୍ଧାନ୍ତ ସାହୁ, ଦିବ୍ୟଶ୍ରୀ ଓଝା, ଶିବଶଙ୍କର ସାହୁ, ତୋଫାନ ସାହୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ବିସ୍ଥାପିତଙ୍କୁ ନୋଟିସ୍ ଦେଇ ଅନୁପସ୍ଥିତ ରହିଲେ ପ୍ରକଳ୍ପ ନିର୍ଦ୍ଦେଶକ

ଯୋଡ଼ା, ୧୨।୨(ଡି.ଏନ.ଏ.)



ବିସ୍ଥାପିତ ଗ୍ରାମବାସୀ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବାସୁଦେବପୁରଠାରେ ଥିବା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟର ପୁନଃ ବସତି ଓ ଥଇଥାନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ନୋଟିସ ଦିଆଯାଇ ବିସ୍ଥାପିତମାନଙ୍କୁ ଡକାଇ ଧାର୍ଯ୍ୟ ତାରିଖରେ କାର୍ଯ୍ୟାଳୟରେ ସେ ନ ଥିବାରୁ ବିସ୍ଥାପିତ ଗ୍ରାମବାସୀ ନିରାଶରେ ଘରକୁ ଫେରିଛନ୍ତି। ଗତ ମଙ୍ଗଳବାର ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ରହି ନ ଥିବାରୁ ଥଇଥାନ କାଗଜପତ୍ର ଜମା କରିବା ପାଇଁ ଆସିଥିବା ବିସ୍ଥାପିତ ଗ୍ରାମବାସୀ ହଟହଟା ହୋଇଥିଲେ ଏବଂ ଶେଷରେ ନିରାଶରେ ଘରକୁ ଫେରିଥିଲେ।

ସୂଚନାନୁଯାୟୀ, କାନପୁର ପ୍ରକଳ୍ପର ଦଡୁଆଁ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ଚିଠି ନଂ ୪୪ରେ ତା୩୧।୦୧।୨୦୨୦ରିଖରେ ଏକ ନୋଟିସ ଦିଆଯାଇଥିଲା । ଉକ୍ତ ନୋଟିସରେ ଓଡିଶା ବିସ୍ଥାପନ ଓ ଥଇଥାନ ନୀତି ୨୦୦୬ ଅନୁଯାୟୀ ବେସରକାରୀ ଜମିରେ ବସବାସ କରୁଥିବା ଯେଉଁ ଗ୍ରାମବାସୀ ବିସ୍ଥାପିତ ଆର୍ଥିକ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିବେ ସେମାନେ ତା୧୧।୦୨।୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ବିସ୍ଥାପିତଙ୍କ ରାଶନ କାର୍ଡ, ଭୋଟର କାର୍ଡ, ଆଧାର କାର୍ଡ, ଅଧିଗ୍ରହୀତ ଜମିର ପଟ୍ଟା, ଘରର କ୍ଷତିପୂରଣ ପାଇଥିବା ନୋଟିସ୍, କ୍ଷତିପୂରଣ ରାଶି ଗ୍ରହଣ କରିଥିବା ଅପଡେଟ୍, ବ୍ୟାଙ୍କ ପାସ୍ ବୁକ୍, ବୟସ ପ୍ରମାଣପତ୍ର ଇତ୍ୟାଦି, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଶିବିରରେ ଦାଖଲ କରିବେ। ବିସ୍ଥାପିତଙ୍କ ତଦନ୍ତ କରାଯିବା ନିମନ୍ତେ କାର୍ଯ୍ୟ ଦିବସରେ ଉପସ୍ଥିତ ରହି ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବେ ଏବଂ ତଦନ୍ତ ପ୍ରକ୍ରିୟାରେ ସହଯୋଗ ନ କରି ପରେ ଆପତ୍ତି କଲେ ବିଚାରକୁ ନିଆଯିବ ନାହିଁ ବୋଲି ଉକ୍ତ ନୋଟିସ୍‌ରେ କଡ଼ା ଚେତାବନୀ ଦିଆଯାଇଥିଲା। ୫୦ରୁ ଉର୍ଦ୍ଧ୍ୱ ବିସ୍ଥାପିତ ଦଡୁଆଁ ଗ୍ରାମବାସୀ ନୋଟିସ୍ ମୁତାବକ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଉକ୍ତ କାର୍ଯ୍ୟାଳୟକୁ ଯାଇଥିଲେ ହେଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସେଠାରେ ଦେଖାମିଳି ନ ଥିଲା । ଦିନ ପ୍ରାୟ ୨ ଘଟିକା ପର୍ଯ୍ୟନ୍ତ ଅନ୍ୟ କୌଣସି ଅଧିକାରୀ କାର୍ଯ୍ୟାଳୟକୁ ଆସି ନ ଥିଲେ। ଯାହାଫଳରେ ବିସ୍ଥାପିତମାନେ ଭୋକ ଉପାସରେ ହଟହଟା ହୋଇଥିଲେ। ଏନେଇ କାନପୁର ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେଶ କୁମାର ଭୂୟାଁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ପ୍ରାୟ ଅଢେଇ ଘଣ୍ଟା ବ୍ୟବଧାନରେ ଜୋନ୍ ଅଧିକାରୀ ଆସି ତରବରିଆ ଭାବେ କେତେଜଣ ବିସ୍ଥାପିତଙ୍କଠାରୁ କାଗଜପତ୍ର ନେଇ ଅନ୍ୟ ବିସ୍ଥାପିତଙ୍କୁ ଫେରାଇ ଦେଇଥିବା ବିସ୍ଥାପିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଯୋଡ଼ାରେ ଏଲ୍‌ସିଡିସି କାର୍ଯ୍ୟକ୍ରମ

ଯୋଡ଼ା, ୧୨।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରାଞ୍ଚଳ ଆଇସିଡିଏସ୍ ସଭାଗୃହଠାରେ ଏଲସିଡିସିର ଏକ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ପରିଦର୍ଶକ ଅଚ୍ୟୁତାନନ୍ଦ ପାତ୍ର, ବିଏନଏଲଡବ୍ଲ୍ୟୁ ଉଦୟଭାବୁ ରାଉତ, ପୌରାଞ୍ଚଳ ସ୍ୱାସ୍ଥ୍ୟକର୍ମୀ ମୋହନ ଚରଣ ବାରିକ ଉପସ୍ଥିତ ରହି ଅଙ୍ଗନୱାଡି କର୍ମୀମାନଙ୍କୁ କୁଷ୍ଠ ରୋଗ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା ୧୪ଠାରୁ ୨୯ତାରିଖ ପର୍ଯ୍ୟନ୍ତ ଗୃହ ପରିଦର୍ଶନ ଓ କୁଷ୍ଠ ରୋଗୀଙ୍କୁ ଚିହ୍ନଟ ପ୍ରକ୍ରିୟା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଭିନ୍ନ ୱାର୍ଡର ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ବାଲିଘାଟରେ ପ୍ରଶାସନିକ ଅଧିକାରୀଙ୍କ ଅନୁଧ୍ୟାନ

ହାଟଡିହୀ,୧୨।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ଆମ୍ବୋ-କରଗୋଳା ବୈତରଣୀ ନଦୀ ବାଲି ଘାଟ ବିବାଦ ସମାଧାନ କରିବା ଲାଗି ବୁଧବାର ବିଭିନ୍ନ ପଦାଧିକାରୀ ବାଲିଘାଟରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଏଡିଏମ ଭକ୍ତବନ୍ଧୁ ପ୍ରଧାନ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁ, ତହସିଲଦାର, ଆରଆଇ, ମାଇନିଂ, ପଲ୍ୟୁଶନ ଓ ଜଳସେଚନ ବିଭାଗର ଅଧିକାରୀ ବାଲିଘାଟରେ ପହଞ୍ଚି ପୁଣି ଥରେ ଲିଜ ଏରିଆ ଚିହ୍ନଟ କରାଯାଇଛି। କରଗୋଳା ଗ୍ରାମକୁ ଯାଇ ଅଧିକାରୀ ମାନେ ଲୋକଙ୍କୁ ବୁଝାଶୁଝା କରିବା ସହ ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ, ବିଜ୍ଞାନମେଳା

ହାଟଡିହୀ, ୧୨।୨(ଡି.ଏନ୍.ଏ.)



ମେଳାରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହେଉଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଓରାଳି ପଞ୍ଚାୟତ ବିସି ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ହାଟଡିହୀ କଲେଜ ଅଧକ୍ଷ କୃଷ୍ଣଚନ୍ଦ୍ର ସ୍ୱାଇଁ ଏବଂ ହାଟଡିହୀ ବିଇଓ କ୍ଷୀରୋଦ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏବିଇଓ ସୁରଥ ସାହୁ, ସୁରେଶ ଜେନା, ବିନୋଦ ରାଉତ, ସିଆରସିସି ପ୍ରଭାକର ବେହେରା, ବାଇଧର ବେହେରା, ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ସୋନାଲିସା ପଟ୍ଟନାୟକଙ୍କୁ ସ୍ପୋର୍ଟ୍ସ ଚାମ୍ପିୟନ୍ ଓ ଶ୍ରେଷ୍ଠ ଛାତ୍ର ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲକ ସ୍ତରରେ ଏନଏମଏମଏସରେ କୃତିତ୍ୱ ହାସଲ କରିଥିବା ଅକ୍ଷୟ ନାୟକ, ବର୍ଷାରାଣୀ ଯେନା, ବିଶ୍ୱଜିତ ଯେନା, ଅନୁସୟା ପରିଡା ପ୍ରମୁଖ ୪ ଜଣ ଏବଂ ପଠାଣି ସାମନ୍ତ ମେମୋରିଆଲ ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିଥିବା ବିଷ୍ଣୁ ନାରାୟଣ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳଙ୍କ ରଚନା ଓ ନିର୍ଦ୍ଦେଶିତ ପାରିବାରିକ ନାଟକ ‘କାଣୀ ବୋଉ’ ଓ ହାସ୍ୟ ରସାତ୍ମକ ନାଟକ ‘ତମ କଥାବାର୍ତ୍ତା ଠିକ ନାହିଁ’ ପରିବେଷଣ ହୋଇଥିଲା। ବିଜ୍ଞାନ ମେଳାରେ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ ଉଦ୍‌ଘାଟକ ଭାବେ ଉପସ୍ଥିତ ଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଭାକର ବେହେରା ଓ ଓରାଳି ସରପଞ୍ଚ ମମତା ଯେନା ଉପସ୍ଥିତ ଥିଲେ । ୧୪ ଟି ବିଦ୍ୟାଳୟର ୧୪୦ଟି ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ଶିଶିର କୁମାର ବିଶ୍ୱାଳ, ମୋହନ ମହାନ୍ତି, ମାଧବାନନ୍ଦ ଜେନା, ନବଘନ ନାୟକ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ହାସ୍ୟମୟୀ ରାଜ, ପ୍ରଦୀପ କୁମାର ବିଶ୍ୱାଳ, ନାରାୟଣ ରାଉତ, ମାଧବାନନ୍ଦ କର, ଦେବାଶିଷ ଦାସ, ସଞ୍ଜୟ ନାୟକ, ଭୀମସେନ ଜେନା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, କମିଟି ମେମ୍ବର ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ସମ୍ଭାଗସ୍ତରୀୟ ଟୋଲି ବୈଠକ

କେନ୍ଦୁଝର, ୧୨।୨(ଡି.ଏନ୍.ଏ.)

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଉତ୍ତର ସମ୍ଭାଗ ଟୋଲି ବୈଠକ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଦିବାକର ଘୋଷ ଉପସ୍ଥିତ ରହି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ । ଏହି ବୈଠକରେ ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ମହାରଣା, ଉତ୍ତର ସମ୍ଭାଗ ସଭାପତି ସତ୍ୟନାରାୟଣ ମିଶ୍ର, ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ, ସଂଯୋଜକ ସୁକାନ୍ତ କୁମାର ବେହେରା, କେନ୍ଦୁଝର ବିଭାଗ ପ୍ରମୁଖ ଦୟାନିଧି ମହାନ୍ତ, ମୟୂରଭଞ୍ଜ ବିଭାଗ ପ୍ରମୁଖ, କେନ୍ଦୁଝର ବିଭାଗ ପ୍ରମୁଖ ଶ୍ରୀନିବାସ ପ୍ରଧାନ ଓ ଜିତୁରାମ ମହାନ୍ତ ଯୋଗ ଦେଇଥିଲେ। ବୈଠକରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ସଙ୍କୁଳ ପ୍ରମୁଖ ଓ ସଙ୍କୁଳ ସଂଯୋଜକ ଉପସ୍ଥିତ ଥିଲେ। ଉକ୍ତ ବୈଠକକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କରିଥିଲା ।

# ରିକ୍ସା ଟାଣି ଗୁଜୁରାଣ ମେଣ୍ଟାଉଛନ୍ତି ଲକ୍ଷ୍ମୀଧର

ଦୀପକ ମିଶ୍ର
କେନ୍ଦୁଝର, ୧୨।୨

ବର୍ତ୍ତମାନ ସହରମାନଙ୍କରେ ଟ୍ୟାକ୍ସି ଅନ୍ କଲ୍ ଗ୍ରାହକଙ୍କ ନିକଟରେ ସହଜସାଧ ଭାବରେ ପହଞ୍ଚି ପାରୁଥିବା ସହ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅଟୋର ସୁବିଧା ମଧ୍ୟ ପର୍ଯ୍ୟାପ୍ତ ହୋଇଛି। ଅନୁରୂପ ଭାବେ ମାଲ ପରିବହନ ପାଇଁ ମଧ ନୂତନ ପ୍ରକାରର ଯାନ ବଜାରକୁ ଆସିଛି। ଏପରିସ୍ଥଳେ ‘ମାଗୁଣିର ଶଗଡ଼’ ଯେପରି ସମସ୍ତଙ୍କ ପାଇଁ ବିଚିତ୍ର ସେପରି ଏହି ହାଇଟେକ୍ ଯୁଗରେ ରିକ୍ସା ଟାଣି କେନ୍ଦୁଝରରେ ଗୁଜୁରାଣ ମେଣ୍ଟାଉଛନ୍ତି ଲକ୍ଷ୍ମୀଧର ପଲେଇ। ଆଉ ଏଥିରେ ମଧ ତାଙ୍କର ପରିବାର ପ୍ରତିପୋଷଣ ହେଉଥିବା କଥା ସେ ସ୍ୱୀକାର କରିଛନ୍ତି। ଦୀର୍ଘ ୨୦ରୁ ୨୫ବର୍ଷ ହେଲା ସାଇକେଲ ରିକ୍ସା ଟାଣି ପରିବାର ଚଳାଉଛନ୍ତି ଲକ୍ଷ୍ମୀଧର।



ଲକ୍ଷ୍ମୀଧର ପଲେଇ।

କେନ୍ଦୁଝର ସଦର ବ୍ଲକ ମହାଦେଇଯୋଡ଼ାର ବାସିନ୍ଦା ଲକ୍ଷ୍ମୀଧର। ସଂସାର କହିଲେ ୪ ପ୍ରାଣୀ। ସ୍ତ୍ରୀ ରାହାସ ପଲେଇ। ଜଣେ ପୁଅ ଏବଂ ଜଣେ ଝିଅ। କେନ୍ଦୁଝର ସହରରେ ଦୀର୍ଘଦିନ ହେଲା ସାଇକେଲ ରିକ୍ସା ଟାଣି ପ୍ରତିଦିନ ୩୦୦ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି ଲକ୍ଷ୍ମୀଧର। ବର୍ତ୍ତମାନ ମହଙ୍ଗା ଯୁଗରେ କୌଣସିମତେ ପରିବାର ଚଳିଯାଉଛି ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯୁଗରେ ଗାଡ଼ିମୋଟର, ଅଟୋ ଓ ଅନ୍ୟାନ୍ୟ ତିନିଚକିଆ ଓ ଚାରିଚକିଆ ଗାଡିରେ ଯାତ୍ରୀ ପରିବହନ ନିର୍ଭରଶୀଳ ହୋଇଥିବା ସତ୍ତ୍ୱେ ତାଙ୍କର ରିକ୍ସାର ଚାହିଦା ମଧ କମ୍ ନୁହେଁ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଅବଶ୍ୟ ଆଗ ଅପେକ୍ଷା ରୋଜଗାର କମିଯାଇଛି, ତେବେ ଆଗ ଭଳି ସହର କିମ୍ବା ଗ୍ରାମାଞ୍ଚଳରେ ସାଇକେଲ ରିକ୍ସା ଦେଖିବାକୁ ମିଳୁନାହିଁ। କାଁ ଭାଁ କେନ୍ଦୁଝର ସହରରେ ଗୋଟିଏ କିମ୍ବା ଦୁଇଟି ରିକ୍ସା ଚାଲୁଛି। ରିକ୍ସାର ଚାହିଦାକୁ ମୁଖ୍ୟତଃ ତିନିଚକିଆ ଅଟୋ କବଳିତ କରିସାରିଛି। ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତାଙ୍କର ଯାହା ରୋଜଗାର ହେଉଛି ସେ ସେଥିରେ ଖୁସି ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ଅତୀତରେ ତାଙ୍କ ରିକ୍ସାରେ ସରକାରୀ ବିଭାଗର ଉଚ୍ଚ ଅଧିକାରୀଙ୍କ ସହ ଅନେକ ବଡ଼ ବଡ଼ ବ୍ୟବସାୟୀ,ବୁଦ୍ଧିଜୀବୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥାନରେ ଠିକ୍ ସମୟରେ ପହଞ୍ଚାଇ ପ୍ରଶଂସା ସାଉଁଟିଥିବା ସହ ବକସିସ୍ ମଧ୍ୟ ମିଳିଛି ବୋଲି ସେ କହିଛନ୍ତି। ହାତ ଗୋଡ଼ ଚାଲୁଥିବା ଯାଏ ରିକ୍ସା ଟାଣିବା ଛାଡ଼ିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଜାଗର ମେଳା ପ୍ରସ୍ତୁତି

ଚମ୍ପୁଆ, ୧୨।୨(ଡି.ଏନ.ଏ.)

ଚମ୍ପୁଆ ଯାତ୍ରା ପଡିଆ ଠାରେ ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ଜାଗର ଉତ୍ସବ ପାଳନ ନିମନ୍ତେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସପନ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ମନୋରଞ୍ଜନ ପ୍ରଧାନ, ତହସିଲଦାର ଆଲୋକ କୁମାର ପଟେଲ, ସୂଚନା ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଜାଗର କମିଟି ସଭାପତି ଅରୁଣ କୁମାର ସାହୁ, ମନଜିତ ସାହୁ, ସତ୍ୟବାନ କର, ସାନ୍ତନୁ ନନ୍ଦ, ସୁଶାନ୍ତ କୁମାର ସାହୁ, ଅମିତାଭ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଯୋଗଦେଇ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ ପାଳିତ ହୋଇପାରିବ ତାହା ଉପରେ ମତଦେଇଥିଲେ। ଚଳିତ ବର୍ଷ ୮ ଦିନ ଧରି ମେଳା ହେବ ବୋଲି ନିଷ୍ପତ୍ତି ହୋଇଛି।



ବୈଠକରେ ଉପସ୍ଥିତ ଉପଜିଲାପାଳଙ୍କ ସହ ଅନ୍ୟ କର୍ମକର୍ତ୍ତା।